ଧରିତ୍ରୀ
DHARITRI

October 13-19, 2019 ₹ 2/-

# ଛୁଟିଦିନ



# ପାର୍ବଣରେ ପ୍ରଦୂଷଣ

୩
ପ୍ରଚ୍ଛଦ ପ୍ରସଙ୍ଗ

ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ସହ ଖୁସି ମନେଇବାର ଅନ୍ୟନାମ ହେଉଛି ପୂଜା ପାର୍ବଣ। କିନ୍ତୁ ଏବେ ସାଜସଜ୍ଜା, ରଙ୍ଗ ଆଉ ଭସାଣିକୁ ନେଇ ଯେଉଁ ପ୍ରତିଯୋଗିତା ଚାଲିଛି, ସେଥିରେ ଆମେ କେବଳ ମାରାତ୍ମକ ପରିବେଶ ପ୍ରଦୂଷଣର ଶିକାର ହିଁ ହେଉଛୁ...

୮/୯
ସିନେମା

ସହରଠୁ ଦୂର
୧୩



# ମୁଡ ଅଫ୍ ଥିଲେ



ପ୍ରିୟଜନଙ୍କ ସହ ମନାନ୍ତର ହେଉ ବା କୌଣସି କାର୍ଯ୍ୟରେ ଅସଫଳତା, ଏମିତି ବିଭିନ୍ନ କାରଣ ହେତୁ ଆମର ମୁଡ ଅଫ୍ ହେଇଯାଏ। ମୁଡ ଅଫ୍ ହେବା ଆମ ମାନସିକତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ତେବେ ଯଦି ମୁଡ ଅଫ୍ ହୋଇଥାଏ ତେବେ କିଭଳି ଭାବେ ସେହି ପରିସ୍ଥିତିକୁ ହ୍ୟାଣ୍ଡେଲ କରିବେ ସେ ସମ୍ପର୍କରେ....

* ଯଦି ଆପଣଙ୍କର କୌଣସି ପରିସ୍ଥିତି ବା ଘଟଣା ହେତୁ ବାରମ୍ବାର ମୁଡ ଅଫ୍ ହେଉଛି ତେବେ ସେହି ସବୁଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ।
* କିଛି ସମୟ ବାହାରେ ବୁଲି ଆସନ୍ତୁ ବା ରିଫ୍ରେସମେଣ୍ଟ ପାଇଁ ଟିଭି ଦେଖନ୍ତୁ, ବହି ପଢନ୍ତୁ ବା ଗୀତ ଶୁଣନ୍ତୁ।
* ନକାରାତ୍ମକ ମାନସିକତା ରଖୁଥିବା ବ୍ୟକ୍ତି ମାନଙ୍କୁ ନିଜ ଜୀବନରୁ ଆସ୍ତେ ଆସ୍ତେ ଦୂରେଇ ଦିଅନ୍ତୁ।
* ଖୁସମିଜାଜ ଲୋକଙ୍କ ସହ କଥା ହୁଅନ୍ତୁ ଯାହା ଦ୍ୱାରା ଆପଣ ସକାରାତ୍ମକ ଉର୍ଜା ପାଇପାରିବେ।



* ଯେବେ ବି ଆପଣଙ୍କ ମୁଡ ଅଫ୍ ଥାଏ ସେତେବେଳେ ନିଜର ନିଃଶ୍ୱାସ ପ୍ରଶ୍ୱାସ ଉପରେ ଧ୍ୟାନ କେନ୍ଦ୍ରୀଭୁତ କରନ୍ତୁ।
* ମୁଡ ଅଫ୍ ଦୂର କରିବା ଲାଗି ଆପଣ ଶପିଙ୍ଗ କରିପାରିବେ, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇପାରିବେ ବା ନିଜ ମନପସନ୍ଦର ଗୀତ ବଜାଇ ନାଚି ମଧ୍ୟ ପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୧୩-୧୯

**ମେଷ**

ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି, ମାନସିକ ଦ୍ୱନ୍ଦ୍ୱର ଅବସାନ, ସୁସ୍ଥତା ଫେରିପାଇବେ, ଶତ୍ରୁ ଛାଇଭଳି ଲାଗି ରହିବେ, ସ୍ଥଗିତ କାମ ତ୍ୱରାନ୍ୱିତ ହେବ, ସ୍ନାୟବିକ ଦୁର୍ବଳତା। ଭୂ-ସମ୍ପତ୍ତିକୁ ନେଇ ବିବାଦ, ଦ୍ରବ୍ୟଲାଭ, ଦୂରଯାତ୍ରା, ନୂଆ ସମ୍ପର୍କ ଯୋଡ଼ିବେ।

**ବୃଷ**

ପାରିବାରିକ ଅସ୍ଥିରତା, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିବେ, ରାଜନୀତିରେ ଲକ୍ଷ୍ୟଭ୍ରଷ୍ଟ, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନରେ ତ୍ରୁଟି, ନିର୍ମାଣକୁ ନେଇ ବାକ୍‌ଯୁଦ୍ଧ, ସ୍ୱାସ୍ଥ୍ୟରେ ଉନ୍ନତି, ନେତୃତ୍ୱରୁ ପ୍ରଶଂସା।

**ମିଥୁନ**

ଶାରୀରିକ ପୀଡ଼ା, ତୀର୍ଥାଟନର ପ୍ରସ୍ତୁତି, ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ବିପଦରୁ ରକ୍ଷା ପାଇବେ। ସହକର୍ମୀଙ୍କ ସୌହାର୍ଦ୍ଧ୍ୟ, ଋଣ ପରିଶୋଧର ଚିନ୍ତା, ସାଂସ୍କୃତିକ କାର୍ଯ୍ୟରେ ତତ୍ପରତା।

**କର୍କଟ**

କାର୍ଯ୍ୟହାନିରୁ ମନସ୍ତାପ, ଯାତ୍ରା ସ୍ଥଗିତ ରହିବ, ଆଇନ ସହାୟତା ପ୍ରାପ୍ତି, ଭୁଲ୍ ବୁଝାମଣାରୁ କଳହ। ଅସଫଳତାର ସମୀକ୍ଷା। ନୂତନ ବନ୍ଧୁତ୍ୱ ସୃଷ୍ଟି, ସନ୍ତାନଙ୍କ କୃତିତ୍ୱ, ବିଦେଶଯାତ୍ରାର ସୁଯୋଗ, ରପ୍ତାନି ବାଣିଜ୍ୟରେ ଉନ୍ନତି ।

**ସିଂହ**

ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ଭାବପ୍ରବଣ ହେବେ। ଯୁକ୍ତିତର୍କରୁ କଳହ, ପଡ଼ୋଶୀଙ୍କ ଉଦାରତା, ନୂତନ ଯାନବାହନ କ୍ରୟ, ଧର୍ମକାର୍ଯ୍ୟ କରିବେ, ନୂଆ ବ୍ୟବସାୟ ଯୋଡ଼ିବେ।

**କନ୍ୟା**

ବାଣିଜ୍ୟ ମାନ୍ଦା ହେବ, କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଭୋଗ ବିଳାସର ପ୍ରାଚୁର୍ଯ୍ୟ, ସମ୍ପର୍କୀୟଙ୍କ ପାଇଁ ଦୁଶ୍ଚିନ୍ତା। ଶୁଭ ଖବର ପ୍ରାପ୍ତି, ଅର୍ଥ ଲାଭ, ସ୍ୱଜନଙ୍କ ସହଯୋଗ, ଧାତୁ ଅଳଙ୍କାର କ୍ରୟ, ସାମ୍ବାଦିକତାରୁ ଗୌରବ।

**ତୁଳା**

ହଇରାଣରେ ପଡ଼ିପାରନ୍ତି, ଅଶାନ୍ତି ଲାଗିରହିବ, ଭାତୃ ସମ୍ପର୍କ ବୃଦ୍ଧି, ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦର ଅବସାନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି, ଯାତ୍ରାରେ ସଫଳତା, ପାରିବାରିକ ଶାନ୍ତି। ସୁସ୍ଥତା ବ୍ୟାହତ ହେବ, କର୍ମକ୍ଷେତ୍ରରେ ପଦୋନ୍ନତି, ଲୋକସମ୍ପର୍କ ବୃଦ୍ଧି।

**ବିଛା**

କାମରେ ପ୍ରତିବନ୍ଧକ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆରୋଗ୍ୟଲାଭ, ଆତ୍ମୀୟଙ୍କ ଅସହଯୋଗ, ସମ୍ପର୍କହାନି ଘଟିପାରେ, ଯାତ୍ରା ସ୍ଥଗିତ ରହିବ, ଆନୁଷ୍ଠାନିକ କର୍ମତତ୍ପରତା।

**ଧନୁ**

ବନ୍ଧୁଙ୍କ ପରାମର୍ଶ, ସମସ୍ୟାର ମୁକାବିଲା କରିବେ, ବକେୟା ପାଇବେ। ଉପରିସ୍ଥଙ୍କ ସମାଲୋଚନା, ଭ୍ରମଣ ସୁଯୋଗ ଜୁଟିବ, ରୋଗ ଦାଉ ସାଧିବ, ବାଣିଜ୍ୟରେ ବାଧା। ପରିବହନରେ ଝଗଡ଼ା, ପାରିବାରିକ ଅଶାନ୍ତି।

**ମକର**

ସ୍ୱାସ୍ଥ୍ୟରେ ଉନ୍ନତି, ପଡ଼ୋଶୀଙ୍କ ସହାନୁଭୂତି, ପାରିବାରିକ ଅଭାବ। କର୍ମକ୍ଷେତ୍ରରେ ବାଧା, ବନ୍ଧୁପ୍ରସ୍ତାବ ଆସିବ, ସମସ୍ୟାର ସମାଧାନ, ସଭାସମିତିକୁ ଆହ୍ୱାନ, ସାହିତ୍ୟକୃତିରୁ ପ୍ରଶଂସା।

**କୁମ୍ଭ**

ଦୁଶ୍ଚିନ୍ତାରୁ ରକ୍ତଚାପ ବୃଦ୍ଧି, ବିରୋଧୀପକ୍ଷଙ୍କ ସକ୍ରିୟତା, ଜିଦ୍‌ରୁ କଳହ, ନୂତନ ପ୍ରକଳ୍ପ ଆରମ୍ଭ, ସହଯୋଗ ମିଳିବ, ଦ୍ୱନ୍ଦ୍ୱର ଅବସାନ, ଆଶା ଫଳବତୀ ହେବ। ଦୈହିକ ଦୁର୍ବଳତା, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ବିବାଦ, ଯାନବାହନରେ ସମସ୍ୟା, ଯାତ୍ରାରେ ଲକ୍ଷ୍ୟପୂରଣ।

**ମୀନ**

କର୍ମାରମ୍ଭରେ ବ୍ୟତିକ୍ରମ, ମାନସିକ ଅସ୍ଥିରତା, ପେଟ ଗୋଳମାଳ। କାର୍ଯ୍ୟସିଦ୍ଧିର ସୂଚନା, ପାରିବାରିକ ସହଯୋଗ, ଉଚ୍ଚଶିକ୍ଷାରେ ବାଧା, ରାଜନୈତିକ ବିବାଦ, ସଭାସମିତିରେ ବିତର୍କ।

# ଦୁନିଆର ସବୁଠାରୁ ଏକୁଟିଆ ମଣିଷ

ବ୍ରାଜିଲର ରୋଣ୍ଡୋନିଆ ରାଜ୍ୟରେ ଥିବା ଆମାଜୋନ ଅବବାହିକାର ଗହୀର ଜଙ୍ଗଲ ମଧ୍ୟରେ ଏକ ବ୍ୟକ୍ତିଙ୍କୁ ଠାବ କରାଯାଇଛି। କୁହାଯାଏ ବ୍ୟକ୍ତି ଜଣକ ଶହଶହ କିଲୋମିଟର ପରିବ୍ୟାପ୍ତ ସେହି ଜଙ୍ଗଲରେ ଏକା ବସବାସ କରନ୍ତି। ଯେହେତୁ ସେ ନିଜ ଜନଜାତିର ଅନ୍ତିମ ସଦସ୍ୟ ତେଣୁ ତାଙ୍କୁ ଏଭଳି ଭାବେ ବସବାସ କରିବାକୁ ପଡୁଛି। 'ଦ ଲାଷ୍ଟ ଅଫ୍ ଦ ଟ୍ରାଇବ୍' ନାମରେ ପରିଚିତ ଏହି ବ୍ୟକ୍ତି ଜଣକ ଆଜକୁ ପ୍ରାୟ ୨୨ ବର୍ଷ ହେବ ଏଭଳି ଏକା ରହୁଥିବାର ଦେଖାଯାଇଛି। ସରକାରୀ ଏଜେନ୍ସି 'ଫୁନାଇ' ଏହି ବ୍ୟକ୍ତିଙ୍କ ଉପରେ ୧୯୯୬ ମସିହାରୁ ନଜର ରଖି ଆସିଛନ୍ତି। ଉକ୍ତ ଏଜେନ୍ସି ଅନୁଯାୟୀ କୌଣସି ପାରିପାର୍ଶ୍ୱିକ ଅବସ୍ଥା ହେତୁ ବ୍ୟକ୍ତି ଜଣକ ନିଜ ଜନଜାତିର ସମସ୍ତ ସଦସ୍ୟଙ୍କୁ ହରାଇଥିଲେ। ସେବେଠାରୁ ବାହାର



ଦୁନିଆକୁ ନିଜର ଶତ୍ରୁ ମଣି ସେ ଏକା ରହିବାକୁ ନିଷ୍ପତ୍ତି ନେଇଥାଇପାରନ୍ତି। ତେବେ ଏଜେନ୍ସି ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓ ଅନୁଯାୟୀ ବ୍ୟକ୍ତି ଜଣକ ସେଠାରେ ନିଜର ଏକ କୁଡିଆ ପ୍ରସ୍ତୁତ କରି ରହୁଥିବା ବେଳେ କୁଡିଆ ପାଖରେ କଦଳୀ, ଅମୃତଭଣ୍ଡା ଆଦି ଗଛ ଲଗାଯାଇଥିବାର ମଧ୍ୟ ନଜର ଆସିଛି।

# ପାଠକୀୟ

❖ପରିବେଶ ଚିନ୍ତା ଏବେ ସବୁଠୁ ବଡ଼ ଚିନ୍ତା। ତେବେ କେବଳ ଚିନ୍ତା ନୁହେଁ ସେଥିପାଇଁ ସମାଧାନର ବାଟ ଖୋଜିବା ଦରକାର। ଆଉ ସେହି ବାଟ ନିଜସ୍ୱ ଉପାୟରେ ଖୋଜିଛନ୍ତି କେଇଜଣ। ନିଜ ସାଧ୍ୟମତେ ପ୍ଲାଷ୍ଟିକ ଆଦି ବିଭିନ୍ନ ଆବର୍ଜନାରୁ କେବଳ ପରିବେଶକୁ ପ୍ରଦୂଷଣମୁକ୍ତ କରିନାହାନ୍ତି ପରନ୍ତୁ ଏହି ଆବର୍ଜନାରୁ ସର୍ଜନା କରିଛନ୍ତି ନୂଆ ନୂଆ ଜିନିଷ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଶୁଭ ଅଶୁଭ ସଙ୍କେତ' ଏବଂ 'ଚକୋଲେଟ୍ କଟେଜ୍' ଆଦି ପାଠଦୁଇଟି ବି ଖୁବ୍ ଶିକ୍ଷଣୀୟ ଥିଲା।

*–ତମନ୍ନା ପାଢ଼ୀ, ରସୁଲଗଡ଼, ଭୁବନେଶ୍ୱର*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଆବର୍ଜନାରୁ ସର୍ଜନା'ପାଠଟିରୁ ପରିବେଶ ପାଇଁ ଚିନ୍ତା କରୁଥିବା କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ପଢ଼ି ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ 'ରଫଲ୍ ଲେହେଙ୍ଗା'ରୁ ଅନେକ ନୂଆ କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଲିପ୍‌ଷ୍ଟିକ୍' ନାମକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ଥିଲା। ଉକ୍ତ ସଂଖ୍ୟାର ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*–ଦିଶା ବରାଳ, କାମାକ୍ଷାନଗର, ଢେଙ୍କାନାଳ*

❖ସିନେମା ଖବର ପଢ଼ିବା ମୋର ଏକ ଅଭ୍ୟାସ। ଛୁଟିଦିନ ପାଇବା ମାତ୍ରେ ଆଗେ ମୁଁ ସିନେମା ପୃଷ୍ଠାଟି ଖୋଲି ପଢ଼ିଥାଏ। ତା'ଛଡ଼ା ଏଥର ପ୍ରକାଶ ପାଇଥିବା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସମାଲୋଚକ ଓ କବି ମନୋରଞ୍ଜନ ପ୍ରଧାନଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା। ଅନ୍ୟପକ୍ଷେ 'ଗାନ୍ଧିଜୀଙ୍କ ସ୍ମୃତି' ଉପରେ ଆଧାରିତ ସ୍ୱତନ୍ତ୍ର ଆଲେଖ୍ୟଟି ବି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା।

*–ପ୍ରକାଶ ଝାଙ୍କର, ସମ୍ବଲପୁର*

❖'ଟ୍ରାନ୍ସପରେଣ୍ଟ କଫି' ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ମଡେଲ୍ ମିରର୍‌ରେ ସୋନାଲି ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି 'ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍' ପାଠଟିରୁ ମଦୁରାଇରେ ଗାନ୍ଧୀଙ୍କ ସ୍ମୃତିରେ ନିର୍ମିତ ହୋଇଥିବା ଏକ ସଂଗ୍ରହାଳୟ ସମ୍ପର୍କରେ ଜାଣିହେଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ନିଜ ପାଇଁ ପୋଖରୀ ତିଆରି କରୁଥିବା ଏକ ନିଆରା ବେଙ୍ଗ' ସମ୍ପର୍କରେ ଜାଣିବାକୁ ମିଳିଲା।

*–ହେମନ୍ତ ଦାଶ, ବଡ଼ଶଙ୍ଖ, ପୁରୀ*

❖ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଡବଲ ଚରିତ୍ରରେ ରିଙ୍କି', 'ପ୍ରେମିକା ଚନ୍ଦ୍ରଭାଗା-ନାଟ୍ୟକାର ହର ବାରିକ' ଆଦି ପାଠଦୁଇଟି ବେଶ୍ ତଥ୍ୟଭିତ୍ତିକ ଥିଲା। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ପୋଖରୀ ଭିତରେ ସେଲ୍‌ଫି', '୫ ଇଞ୍ଚର ଅଙ୍ଗୁଳି' ଏବଂ 'ଉଡ଼ି ଉଡ଼ି ଯାଆନ୍ତି ଅଫିସ୍' ଆଦି ପାଠଗୁଡ଼ିକ ବି ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*–କିରଣବାଳା ମହାନ୍ତି, ଚୌଦ୍ୱାର, କଟକ*

## ବିଶେଷ ଚିଠି




ଯୁଗ ଉପଯୋଗୀ
ଲେଖାଆଣି ଆସେ
ଧରିତ୍ରୀର ଛୁଟିଦିନ
ଏଇ ରବିବାର ପ୍ରଚ୍ଛଦ ପ୍ରସଙ୍ଗ
ଆବର୍ଜନାରୁ ସର୍ଜନ।
ସିନେମା ଖବର ସହରଠୁ ଦୂର
ବ୍ୟାକ୍‌ପେଜ୍ ଚମତ୍କାର
ବିବିଧା, ବ୍ୟକ୍ତିତ୍ୱ, ମଞ୍ଚମାୟା ତତ୍ତ୍ୱ
ମଜା କାର୍ଟୁନ କର୍ନର।
ପାଠକଙ୍କୁ ନିବେଦନ
ଭୁଲି ତ ନ ଯିବେ ନିଶ୍ଚୟ ପଢ଼ିବେ
ଧରିତ୍ରୀ ଛୁଟିଦିନ।
*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପାର୍ବଣରେ ପ୍ରଦୂଷଣ

ଶେଷ ହେଲା ଦୁର୍ଗା ପୂଜା। ପରେ ପରେ ଆସିବ ଦୀପାବଳୀ ଓ କାଳୀପୂଜା, ଲକ୍ଷ୍ମୀପୂଜା, କାର୍ତ୍ତିକେୟ ପୂଜା ଏବଂ ସରସ୍ୱତୀ ପୂଜା। ପର୍ବପର୍ବାଣି ପାଳନ କରିବାର ଅନ୍ତରାଳରେ ମୁଖ୍ୟତଃ ଥାଏ ଆମ ପରଂପରା ଓ ସଂସ୍କୃତିକୁ ସମ୍ମାନ ଜଣାଇବା। କିନ୍ତୁ ବର୍ତ୍ତମାନ ଏହା ପ୍ରତିଯୋଗିତା ସହିତ ବାଣ, ବାଜା, ନଗ୍ନନୃତ୍ୟ ଏବଂ ମଦ୍ୟପାନର ଏକ ଅଂଗ ପାଲଟି ଗଲାଣି। ଯାହାର ପରିଣାମ ସଦୃଶ ଆମେ ବିଭିନ୍ନ ପ୍ରକାର ପ୍ରଦୂଷଣର ଶିକାର ହେବାରେ ଲାଗିଛେ।

**ଜଳ ପ୍ରଦୂଷଣ:** ଦେବାଦେବୀଙ୍କ ମୂର୍ତ୍ତିଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ଯେଉଁ ବିବିଧ ରଂଗ ବ୍ୟବହାର ହୁଏ, ତହିଁରୁ ଅଧିକାଂଶ କୃତ୍ରିମ। ସେଗୁଡ଼ିକରେ ଥାଏ ପାରଦ, ଦସ୍ତା, ସୀସା, କଡ୍‌ମିୟମ, ଆର୍ସେନିକ, କ୍ରୋମିୟମ୍ ଆଦି ଭାରି ଧାତୁ। ଏଗୁଡ଼ିକ ଆମ ପାଇଁ ବିଭିନ୍ନ ରୂପେ ବିଷାକ୍ତ ଏବଂ ପ୍ରତ୍ୟେକ କର୍କଟ ରୋଗକାରୀ। ବିଶେଷକରି ଲାଲ୍, ସବୁଜ, ନୀଳ, ନାରଙ୍ଗୀ ଓ ହଳଦିଆ ରଙ୍ଗରେ ଏଗୁଡ଼ିକ ଥାଆନ୍ତି। ଏଣୁ ଏହି ମୂର୍ତ୍ତିଗୁଡ଼ିକୁ ଜଳାଶୟରେ ବିସର୍ଜନ କରିଦେଲେ ତାହା ଉତ୍କଟ ଜଳ ପ୍ରଦୂଷଣ କରାଏ।

ଅନ୍ୟପକ୍ଷରେ, ଏଗୁଡ଼ିକୁ ତିଆରି କରିବାରେ ମୁଖ୍ୟତଃ ବ୍ୟବହୃତ ହୋଇଥାଏ 'ପ୍ଲାଷ୍ଟର ଅଫ୍ ପ୍ୟାରିସ୍' ନାମକ ପଦାର୍ଥ। ଦୁଇଟି 'କାଲ୍‌ସିୟମ୍ ସଲ୍‌ଫେଟ୍' ଅଣୁ ସହିତ ଗୋଟିଏ ଜଳ ଅଣୁ ଅନୁବନ୍ଧିତ ହୋଇ ଏ ରସାୟନ ଗଠିତ ହୋଇଥାଏ। ପୁନଶ୍ଚ କେତେକ ସ୍ଥଳେ ସେଥି ସହିତ ମିଶା ଯାଇଥାଏ ପ୍ଲାଷ୍ଟିକ ଗୁଣ୍ଡ ଓ ସିମେଣ୍ଟ। ଏଗୁଡ଼ିକ ଜଳରେ ଦ୍ରବଣୀୟ ନୁହନ୍ତି କି ଜୈବ ବିଘଟନକ୍ଷମ ନୁହନ୍ତି। ଏଣୁ ତାହା କେବଳ ସୂକ୍ଷ୍ମ କଣିକାରେ ପରିଣତ ହୁଅନ୍ତେ ଏବଂ ଜଳ ସହିତ ମିଶି ମାଛ ଆଦି ଜଳଜ ଜୀବ ଏବଂ ଉଦ୍ଭିଦମାନଙ୍କ ଶରୀରକୁ ପ୍ରବେଶ କରି ସେମାନଙ୍କ ଉପରେ ଘାତକ ପ୍ରଭାବ ପକାନ୍ତି। ଅନ୍ୟ ପକ୍ଷରେ ତାଙ୍କଠାରୁ ତାହା ଆମ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବାର ମଧ୍ୟ ସମ୍ଭାବନା ରହିଛି। ପୁନଶ୍ଚ ଏହି ପଦାର୍ଥଗୁଡ଼ିକର କିଛି ଭାଗ ଜଳାଶ୍ରୟ ତଳେ ବସିଯାଏ। ତଦ୍ୱାରା ସେଠାରେ ଜୈବିକ ଜୀବନ ପ୍ରଭାବିତ ହୁଏ।

ଅବଶ୍ୟ ଆଜିକାଲି ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ତଥା ଅଣଜୈବ ବିଘଟନକ୍ଷମ ପଦାର୍ଥରେ ମୂର୍ତ୍ତି ନିର୍ମାଣ ଓ କୃତ୍ରିମ ରଙ୍ଗରେ ତାହା ରଂଜିତ କରିବା ଉପରେ କେତେକ କଟକଣା ଜାରି କରାଯାଇଛି। ପଶ୍ଚିମବଙ୍ଗ, ଗୁଜରାଟ, ମହାରାଷ୍ଟ୍ର ଓ କର୍ନାଟକ ଭଳି ରାଜ୍ୟ ଏଥିରେ ନେତୃତ୍ୱ ନେଇଛନ୍ତି। ତଥାପି ଶସ୍ତାରେ ମୂର୍ତ୍ତି ଯୋଗାଇବା ଲାଗି ଅନେକ ଏହା ମାନୁନାହାନ୍ତି। ଅତଏବ ତାହା ଜଳ ପ୍ରଦୂଷଣ ସହିତ ଜଳୀୟ ପରିସଂସ୍ଥାର ଅବକ୍ଷୟ ଘଟାଇ ଚାଲିଛି। କିଛି ବର୍ଷ ତଳେ ମୁମ୍ବାଇର ଆଖପାଖ ଅଞ୍ଚଳରେ ଥିବା ହ୍ରଦଗୁଡ଼ିକରେ ଏବଂ ଚଳିତ ବର୍ଷ ଭୋପାଳଠାରେ ଗଣେଶ ମୂର୍ତ୍ତି ବିସର୍ଜନ ହେତୁ ସୃଷ୍ଟି ହୋଇଥିବା ଭୟାବହ ପରିଣାମ ଏହାର ପ୍ରକୃଷ୍ଟ ଉଦାହରଣ। ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି କାରଣରୁ ଏଗୁଡ଼ିକର ଜଳରେ ତାପଧାରଣ କ୍ଷମତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ, ତାହାର ଅମ୍ଳତା, ଜୈବିକ ଅମ୍ଳଜାନ ଆବଶ୍ୟକତା, ସମୁଦାୟ ଦ୍ରବୀଭୂତ କଠିନ ପଦାର୍ଥ ଆଦି ବିପଜ୍ଜନକ ଭାବେ ବୃଦ୍ଧି ପାଇଲା ବେଳେ ଦ୍ରବୀଭୂତ ଅମ୍ଳଜାନ ହ୍ରାସ ପାଇଯାଇଥିଲା। ଅତଏବ ତହିଁରୁ ଲୋପ ପାଇଯାଇଥିଲା ଜଳଜ ଜୀବନ। ଅହମଦାବାଦର ସାବରମତୀ, ଦିଲ୍ଲୀର ଯମୁନା ଆଦି ନଦୀରେ ମଧ୍ୟ ପୂଜାପାର୍ବଣ ପରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏଣୁ ଦେଶର ଅନ୍ୟ ସମସ୍ତ ସ୍ଥାନରେ ଏହା ଯେ ଅଳ୍ପ–ବହୁତ ଘଟୁଥିବ ଏଥିରେ ସଂଦେହର ଅବକାଶ ନାହିଁ।

**ବାୟୁ ପ୍ରଦୂଷଣ:** ପୂଜାପାର୍ବଣ ଅବସରରେ ସାଧାରଣତଃ ଆମେ ବାଣ ଫୁଟାଇଥାଉ। ବିଶେଷକରି ଦୀପାବଳୀ ବା କାଳୀପୂଜାରେ ଏହା ଅଧିକ ଭାବେ ହୁଏ। ଏଗୁଡ଼ିକରେ ଥାଏ ଅଙ୍ଗାରକ, ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସ୍‌ଫରସ, ପଟାସିୟମ ନାଇଟ୍ରେଟ, ବେରିୟମ ଇତ୍ୟାଦି ଉପାଦାନ। ପୁନଶ୍ଚ ଏଥିରୁ ଉତ୍ପନ୍ନ ଶିଖାକୁ ନାନା ରଙ୍ଗ ପ୍ରଦାନ କରିବାକୁ ସେଥିସହିତ ଯୋଗ କରାଯାଏ ସୋଡିୟମ, ତମ୍ବା, ମାଗ୍ନେସିୟମ, କାଲସିୟମ ଆଦିର ଧାତବ ଲବଣ। ଏଣୁ ଏହା ଫୁଟିଲେ ତହିଁରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବୋନ ମନୋକ୍‌ସାଇଡ୍, ଗନ୍ଧକ ଓ ଯବକ୍ଷାରଜାନର ଅକ୍‌ସାଇଡ୍ ସହିତ ଅଙ୍ଗାରକ, ଗନ୍ଧକ ତଥା ବିବିଧ ଧାତବ ପଦାର୍ଥ। ଯାହାର ସ୍ୱାସ୍ଥ୍ୟ ପରିବେଶ ପ୍ରଭାବ ଅତି ବ୍ୟାପକ। ଉଦାହରଣ ସ୍ୱରୂପ, ଅଙ୍ଗାରକାମ୍ଳ ହେଉଛି ଏକ ନମ୍ବର ସବୁଜଗୃହ ବାଷ୍ପ। ଏହା ବିଶ୍ୱତାପନ ପାଇଁ ଦାୟୀ। ସେହିପରି ଗନ୍ଧକ ଓ ଯବକ୍ଷାରଜାନର ଅକ୍‌ସାଇଡ୍ ସମୂହ ଅମ୍ଳ ବୃଷ୍ଟି କରାନ୍ତି। ପୁନଶ୍ଚ ଏହି ବାଷ୍ପ ଦ୍ୱାରା ଆମ ଫୁସ୍‌ଫୁସ୍ ସମେତ ସମଗ୍ର ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପହଞ୍ଚାନ୍ତି। ଅନ୍ୟପକ୍ଷରେ, କାର୍ବନ ମନୋକ୍‌ସାଇଡ୍ ଏକ ବିଷାକ୍ତ ବାଷ୍ପ, ଯାହାକି ଆମ ରକ୍ତରେ ଥିବା ହିମୋଗ୍ଲୋବିନର ଅମ୍ଳଜାନ ବହନ କରିବା ଗୁଣକୁ ନଷ୍ଟ କରିଦିଏ। ଫଳରେ ଆମ ମସ୍ତିଷ୍କଠାରୁ ଆରମ୍ଭ କରି ଅଧିକାଂଶ ଅତ୍ୟାବଶ୍ୟକ ଅଙ୍ଗପ୍ରତ୍ୟଙ୍ଗ ଏଥିରୁ ବଞ୍ଚିତ ହୁଅନ୍ତି। ସେହିପରି ବାୟୁରେ ଭାସମାନ ସୂକ୍ଷ୍ମ କଣିକାଗୁଡ଼ିକ ମଧ୍ୟରୁ ଅନେକ ବିଷାକ୍ତ ହେଲାବେଳେ ସେସବୁ ଆମ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ତାହା ଶ୍ୱାସରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ ଯାଏ ଅନେକ ରୋଗର କାରଣ ଅଟନ୍ତି। ଅନ୍ୟାନ୍ୟ ଜୀବଙ୍କ ଉପରେ

**ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ସହ ଖୁସି ମନେଇବାର ଅନ୍ୟନାମ ହେଉଛି ପୂଜା ପାର୍ବଣ। କିନ୍ତୁ ଏବେ ସାଜସଜ୍ଜା, ରଙ୍ଗ ଆଉ ଭସାଣିକୁ ନେଇ ଯେଉଁ ପ୍ରତିଯୋଗିତା ଚାଲିଛି, ସେଥିରେ ଆମେ କେବଳ ମାରାତ୍ମକ ପରିବେଶ ପ୍ରଦୂଷଣର ଶିକାର ହିଁ ହେଉଛୁ...**









ମଧ୍ୟ ଏଗୁଡ଼ିକର ଏତାଦୃଶ ପ୍ରଭାବ ରହିଛି। ପର୍ବପର୍ବାଣି ପାଳନ ଅବସରରେ ଆମେ ଯେତିକି ଅଧିକ ବାଣ ଫୁଟାଇବା ଏ ସମସ୍ୟା ସେତେ ଅଧିକ ହେବ। ଉଦାହରଣ ସ୍ୱରୂପ, ବିଗତ ବର୍ଷ ଦୀପାବଳୀ ପରେ ବାୟୁପ୍ରଦୂଷଣ ଲାଗି ବିଶ୍ୱରେ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଆମ ରାଜଧାନୀ ଦିଲ୍ଲୀରେ ଏହାର ସୂଚକାଙ୍କ ଥିଲା ସାଧାରଣ ମାତ୍ରାର ପ୍ରାୟ ୩.୫ ଗୁଣ ଅଧିକ। ପୁନଶ୍ଚ, ତା'ପର ଦିନଠାରୁ କିଛି ଦିନ ଧରି ସେଠାରେ ଡାକ୍ତରଖାନାମାନଙ୍କରେ ବଢ଼ିଯାଇଥିଲା ଶ୍ୱାସରୋଗୀମାନଙ୍କ ସଂଖ୍ୟା। ଆମ ଦେଶର ଅନ୍ୟାନ୍ୟ ବହୁ ପ୍ରମୁଖ ସହର ଓ ନଗରମାନଙ୍କ ଅବସ୍ଥା ମଧ୍ୟ ଥିଲା ତଦନୁରୂପ।

**ଧ୍ୱନି ପ୍ରଦୂଷଣ:** ଫଟକା ବାଣଗୁଡ଼ିକରୁ ବିବିଧ ବାୟୁ ପ୍ରଦୂଷକ ସଙ୍ଗେ ସଙ୍ଗେ ନିର୍ଗତ ହୋଇଥାଏ ୮୦-୯୦ରୁ ଆରମ୍ଭ କରି ୧୨୦-୧୪୦ ଡେସିବେଲ୍ ପର୍ଯ୍ୟନ୍ତ ଉଚ୍ଚ ଧ୍ୱନି। ଏହା ବ୍ୟତୀତ ପୂଜାର୍ଚ୍ଚନା ବେଳେ ଆମେ ସାଧାରଣତଃ ବ୍ୟବହାର କରୁଛେ ଉଚ୍ଚ ଧ୍ୱନି ସଂପନ୍ନ ବିବିଧ ବାଦ୍ୟ ଏବଂ ଡାକବାଜି ଯନ୍ତ୍ର। ଏହି ବାଦ୍ୟଗୁଡ଼ିକରୁ ୯୦ରୁ ୧୪୦ ଏବଂ ଡାକବାଜି ଯନ୍ତ୍ରରୁ ୧୦୦ରୁ ୧୩୦ ଡେସିବେଲ୍ ଧ୍ୱନି ସୃଷ୍ଟି ହୋଇଥାଏ। ସାଧାରଣ ଭାବେ ଆମର ଏହାର ସହ୍ୟ କରିବା ସୀମା ହେଲା ୫୦ରୁ ୬୦ ଡେସିବେଲ୍। ତହିଁରୁ ଉଚ୍ଚତର ଧ୍ୱନି ଆମ ସ୍ମୃତି ଓ ଶ୍ରବଣ ଶକ୍ତି ହ୍ରାସ, ମୁଣ୍ଡବ୍ୟଥା ଆଦିର କାରଣ ହେଲା ବେଳେ ତାହା ଅଧିକ ହେଲେ ସ୍ତର ଅନୁସାରେ ଛାତିରେ ଯନ୍ତ୍ରଣା, ଚର୍ମରେ ଜ୍ୱଳନ, ପାକସ୍ଥଳୀରେ ଘା, ହୃତ୍‌ସ୍ପନ୍ଦନ ହାର ବୃଦ୍ଧି, ହୃଦ୍‌ରୋଗୀମାନଙ୍କ ଯନ୍ତ୍ରଣା ଆରମ୍ଭ ତଥା ଆମ ଚୟାପଚୟରେ ବିଶୃଙ୍ଖଳା ଆଦି ସୃଷ୍ଟି କରେ। ଆଜିକାଲି ସହଜେ ତ' ଗାଡ଼ି ମୋଟର, କଳକାରଖାନା, ଉଡାଜାହାଜ ଆଦି ଧ୍ୱନି ପ୍ରଦୂଷଣ ଘଟାଇ ଚାଲିଛନ୍ତି, ସେଥିସହିତ ଏହାର ଯୋଗଦାନ ପରିବେଶକୁ ଅଧିକ ବିଷମ କରୁଛି।

ପରମ୍ପରା ଆମର ଗୌରବ। ପୂଜାପାର୍ବଣ ଆମ ଆଧ୍ୟାତ୍ମିକ ଚେତନାକୁ ଉଦ୍ଦୀପିତ କରିବା ଲାଗି ଅଭିପ୍ରେତ। ଏ ଚେତନା ସାମୂହିକଭାବେ ସମଗ୍ର ଜୀବଜଗତର ଏବଂ ନିର୍ଦ୍ଦିଷ୍ଟଭାବେ ମାନବଜାତିର କଲ୍ୟାଣ ଲାଗି ପ୍ରେରଣା ଦେଇଥାଏ। ଏଣୁ ସମୟ ସହିତ ତାଳଦେଇ ଏସବୁ ପରିମାର୍ଜିତ ହେବା ଦରକାର। ଅତଏବେ ଆମେ ସେ ସବୁକୁ ସମୟୋପଯୋଗୀ ତଥା କଲ୍ୟାଣକାରୀ ମାର୍ଗରେ ପାଳନ କରିବା ସମ୍ଭବ ହେବ। ବିବିଧ ମାନବକୃତ କାର୍ଯ୍ୟକଳାପ ଫଳରେ ଏବେ ପରିବେଶ ଓ ପରିସଂସ୍ଥାର ଦ୍ରୁତ ଅବକ୍ଷୟ ଘଟି ଚାଲିଛି। ଏହି ଧାରାକୁ ରୋକିବା ଆମ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ବଡ଼ ସୁଖର କଥା ଯେ, ଆମ ସରକାର ଉଚ୍ଚଧ୍ୱନିକାରୀ ଡିଜେବାଦ୍ୟ ଏବଂ ଅଧିକ ପ୍ରଦୂଷଣକାରୀ ବିବିଧ ଚାଇନାବାଣ ଉପରେ କଟକଣା ଲଗାଇଛନ୍ତି। ଚାଲନ୍ତୁ ନିଜକୁ ଦାୟିତ୍ୱବାନର ପରିଚୟ ଦେଇ ଆମେ ତାହା ପାଳନ କରିବା ସହିତ ଏହି ଉତ୍ସବଗୁଡ଼ିକୁ ପରିବେଶ ସହାୟକ କରିବା ଦିଗରେ ଅନ୍ୟାନ୍ୟ ଉଚିତ ପଦକ୍ଷେପ ନେବା। ତାହା ହିଁ କେବଳ ଆମର ଏ ପର୍ବପର୍ବାଣି ପାଳନ କରିବାର ଅସଲ ଉଦ୍ଦେଶ୍ୟ ପୂରଣ କରିପାରିବ।

**-ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**
ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ: ୯୯୩୭୯୮୫୭୬୭

## ପରିବେଶ ସହାୟକ ପର୍ବପର୍ବାଣି ପାଳନ କରନ୍ତୁ

୧. ମୂର୍ତ୍ତି ତିଆରିରେ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍, ଥର୍ମୋକୁଲ, ପ୍ଲାଷ୍ଟିକ ଭଳି ଜୈବବିଘଟନକ୍ଷମ ହୋଇ ନ ଥିବା ପଦାର୍ଥ ବଦଳରେ ଛଣ, ମାଟି, କପଡ଼ା, ତୁଳା, ଝୋଟ ଆଦିର ଉପଯୋଗ କରନ୍ତୁ। ବିସର୍ଜନ ସମୟରେ ଏହାକୁ ମାଟିରେ ପୋତିଦେଲେ ତାହା ସହଜରେ ବିଘଟିତ ହୋଇଯିବ ଏବଂ ସେଥିରୁ କମ୍ପୋଷ୍ଟ ମଧ୍ୟ ମିଳିପାରିବ।

୨. ମୂର୍ତ୍ତିର ଆକାର ଛୋଟ କରନ୍ତୁ। ପୁନଶ୍ଚ ଘରେ ଘରେ ତାହା ପୂଜା କରିବା ଅପେକ୍ଷା ସାମାଜିକ ଭାବେ ଏକାଠି କରନ୍ତୁ। ତା'ହେଲେ କମ୍ ସଂଖ୍ୟକ ମୂର୍ତ୍ତି ଦରକାର ହେବ।

୩. ପୂଜାସ୍ଥଳକୁ ଆଲୋକରେ ଅତ୍ୟଧିକ ସଜ୍ଜିତ କରନ୍ତୁ ନାହିଁ ଏବଂ ଏଥିପାଇଁ 'ସିଏଫ୍ଏଲ୍' ବଲ୍‌ବ ବ୍ୟବହାର କରନ୍ତୁ। ଏହାଦ୍ୱାରା ଶକ୍ତି ସଞ୍ଚିତ ହେବ।

୪. ମୂର୍ତ୍ତିରେ କୃତ୍ରିମ ରଙ୍ଗ ନ ଦେଇ ହଳଦୀ, ମେହେନ୍ଦି ଆଦି ପ୍ରାକୃତିକ ରଙ୍ଗ ଦିଅନ୍ତୁ।

୫. ସାଜସଜ୍ଜାରେ ଜୈବବିଘଟନକ୍ଷମ ହୋଇ ନ ଥିବା ପ୍ଲାଷ୍ଟିକ, ଜରିଫୁଲ ଭଳି ପଦାର୍ଥ ବଦଳରେ କାଗଜ, ଝୋଟ, ତାଳପତ୍ର, ପ୍ରାକୃତିକ ଫୁଲ ଆଦି ବ୍ୟବହାର କରନ୍ତୁ।

୬. ଉଚ୍ଚଧ୍ୱନିକାରୀ ଡ୍ରମ, ବାଣ, ଡାକବାଜିଯନ୍ତ୍ର ବଦଳରେ ମୃଦଙ୍ଗ, ତାବଲା ଆଦି ବ୍ୟବହାର କରନ୍ତୁ।

୭. ନଦୀନାଳ, ପୁଷ୍କରିଣୀ ବା ହ୍ରଦ ମଧ୍ୟରେ ମୂର୍ତ୍ତି ବିସର୍ଜନ ନ କରି କୃତ୍ରିମ ପୁଷ୍କରିଣୀମାନ ଖୋଳି ସେଥିରେ ତାହା କରନ୍ତୁ।

୮. କାଠ, ପଥର ଇତ୍ୟାଦି ପଦାର୍ଥରେ ମୂର୍ତ୍ତି ନିର୍ମାଣ କରନ୍ତୁ ଏବଂ ତାହାକୁ ମନ୍ତ୍ର ପାଣି ସିଞ୍ଚି ବିସର୍ଜନ କରି ପରବର୍ତ୍ତୀ ବର୍ଷମାନଙ୍କ ପାଇଁ ରଖନ୍ତୁ।

୯. ଅନ୍ୟଙ୍କୁ ଏସବୁ କରିବାର ଉପଯୋଗିତା ସମ୍ପର୍କରେ ସଚେତନ କରନ୍ତୁ।

## କ'ଣ ପାଇଁ ସମସ୍ୟା

୧. ଅମ୍ଳବୃଷ୍ଟି- ଗନ୍ଧକ, ଯବକ୍ଷାରଜାନ ଆଦି କେତେକ ଅଧାତୁର ଅକ୍‌ସାଇଡ୍‌ଗୁଡ଼ିକ ଅମ୍ଳଗୁଣଯୁକ୍ତ। ଏହି ବାଷ୍ପମାନେ ବାୟୁମଣ୍ଡଳରେ ଥିବା ଜଳରେ ଦ୍ରବୀଭୂତ ହୋଇ ଅମ୍ଳ ସୃଷ୍ଟି କରନ୍ତି ଏବଂ ବର୍ଷାଜଳରେ ମିଶି ଅମ୍ଳବୃଷ୍ଟି କରନ୍ତି। ଉଭୟ ଜଳ ଓ ସ୍ଥଳରେ ବାସ କରୁଥିବା ପ୍ରାଣୀ ଓ ଉଦ୍ଭିଦଙ୍କ ପାଇଁ ଏହା କ୍ଷତିକାରକ।

୨. ଜୈବିକ ଅମ୍ଳଜାନ ଆବଶ୍ୟକତା- ଦୂଷିତ ଜଳରେ ଥିବା ଜୈବିକ ଆବର୍ଜନାକୁ ଜାରଣ ପ୍ରକ୍ରିୟାରେ ବିଘଟିତ କରିବା ପାଇଁ ଆବଶ୍ୟକ ଅମ୍ଳଜାନର ପରିମାଣ। ଜଳ ଯେତେ ଦୂଷିତ ଏ ଆବଶ୍ୟକତା ସେତେ ବେଶି।

୩- ଦ୍ରବୀଭୂତ ଅମ୍ଳଜାନ- ଜଳରେ ଦ୍ରବୀଭୂତ ହୋଇଥିବା ଅମ୍ଳଜାନକୁ ମାଛ ଭଳି ଜଳଜ ଜୀବମାନେ ଶ୍ୱାସକ୍ରିୟାରେ ବ୍ୟବହାର କରନ୍ତି। ଜଳ ଦୂଷିତ ହୋଇଗଲେ ସେଥିରୁ ଏହା କମିଯାଏ।

୪- ଜୈବ ବିଘଟନକ୍ଷମ ପଦାର୍ଥ- ଯେଉଁସବୁ ପଦାର୍ଥ ପରିବେଶରେ ଥିବା ବୀଜାଣୁ ଦ୍ୱାରା ଅଥବା ଅନ୍ୟାନ୍ୟ ଜୈବିକ ମାଧ୍ୟମରେ ବିଘଟିତ ହୋଇଯାଏ।

୫- ଡେସିବେଲ୍- ଧ୍ୱନିର ତୀବ୍ରତାର ମାପ। ଆମେ ଶୁଣିପାରୁଥିବା ସର୍ବନିମ୍ନ ଧ୍ୱନି ୦ (ଶୂନ୍) ଡେସିବେଲ୍। ବାଣ, ବାଜା ଓ ଡାକବାଜି ଯନ୍ତ୍ରର ଏହା ୧୨୦ ପାଖାପାଖି।









# ଥ୍ରୀ ଲେୟାର ଝୁମୁକା



**ଥ୍ରୀ ଲେୟାର ଝୁମୁକାରେ ସାଧାରଣତଃ ଥାକ ଥାକ ହୋଇ ତିନି ଥାକରେ ଝୁମୁକା ତଳକୁ ଓହଳି ରହିଥାଏ, ଯାହା ଚେହେରାକୁ ଟିକେ ହେଭି ଲୁକ୍ ଦେଇଥାଏ। ତେଣୁ ପୂଜାପାର୍ବଣ ହେଉ କିମ୍ବା ଘରୋଇ ଫଙ୍କସନରେ ହେଭି ୱାର୍କବାଲା ଆଉଟ୍‌ଫିଟ୍ ସହ ଏହି ଇୟର ରିଂକୁ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ...**

ନାରୀଙ୍କ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରିଥାଏ ଝୁମୁକା ଇୟର ରିଂ। ସେଥିପାଇଁ ଏହାର ଟ୍ରେଣ୍ଡ କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତେବେ ଆଜିକାଲି ମାର୍କେଟ୍‌ରେ ଅନେକ ସୁନ୍ଦର ସୁନ୍ଦର ଡିଜାଇନର ଝୁମୁକା ଇୟର ରିଂ ମିଳୁଥିବା ଦେଖିବାକୁ ମିଳୁଛି। ତନ୍ମଧ୍ୟରୁ ଥ୍ରୀ ଲେୟାର ଝୁମୁକାର ଫ୍ୟାଶନ ଏବେ ଖୁବ୍ ଚାଲିଛି। ଇଣ୍ଡିଆନ୍ ହେଉ ବା ୱେଷ୍ଟର୍ନ ସବୁ ପ୍ରକାର ଆଉଟ୍ ଫିଟ୍ ସହ ଥ୍ରୀ ଲେୟାର ଝୁମୁକା ବେଶ୍ ଭଲ ମାନିବା ସହ ଗ୍ଲାମର୍ସ ଲୁକ୍ ଦେଇଥାଏ। ସେଥିପାଇଁ ଯୁବତୀମାନଙ୍କ ଗହଣରେ ଏହାର କ୍ରେଜ୍ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଉ ତାକୁ ହିଁ ଲକ୍ଷ୍ୟକରି ମାର୍କେଟ୍‌ରେ ଏବେ କେତେକ ଲାଟେଷ୍ଟ ଡିଜାଇନର ଥ୍ରୀ ଲେୟାର ଝୁମୁକା ମିଳୁଛି। ଆସନ୍ତୁ , ଜାଣିବା ସେ ସମ୍ପର୍କରେ...

**ଗୋଲ୍‌ଡେନ ଝୁମୁକା:** ଗୋଲ୍‌ଡେନ ବା ସୁନେଲି ରଙ୍ଗର ଥ୍ରୀ ଲେୟାର ଝୁମୁକା ଶାଢ଼ି, ଲେହେଙ୍ଗା କିମ୍ବା ହେଭି ୱାର୍କବାଲା ଆଉଟ୍‌ଫିଟ୍ ସହ ବେଶ୍ ଭଲ ମାନିଥାଏ। ଖାସ୍‌କରି ପୂଜାପାର୍ବଣ ସମୟରେ ଚୁଟିରେ ଖୋସାକରି ସେଥିରେ ଗଜରା ଲଗାଇବା ସହ ଏହି ଇୟର ରିଂକୁ ପିନ୍ଧିଲେ ଲୁକ୍ ଗର୍ଜିୟସ୍ ଲାଗିଥାଏ। ଆପଣ ଚାହିଁଲେ ସୁନାରେ ତିଆରି ହୋଇଥିବା ଏହି ଇୟର ରିଂ ପିନ୍ଧିପାରିବେ ନଚେତ୍ ମାର୍କେଟ୍‌ରେ ମିଳୁଥିବା ଆର୍ଟିଫିସିଆଲ୍ ଗୋଲ୍‌ଡେନ ଥ୍ରୀ ଲେୟାର ଝୁମୁକାକୁ ବି ଟ୍ରାଏ କରିପାରିବେ।


**ସିଲ୍‌ଭର ଝୁମୁକା:** ସିଲ୍‌ଭର ବା ରୁପାରେ ତିଆରି ଥ୍ରୀ ଲେୟାର ଝୁମୁକା ବି ଆକର୍ଷଣୀୟ ଲୁକ୍ ଦେଇଥାଏ। କିନ୍ତୁ ଏହାକୁ ହେଭି ୱାର୍କବାଲା ଆଉଟ୍‌ଫିଟ୍ ସହ ନ ପିନ୍ଧି ଟିକେ ଲାଇଟ୍ କାମ ହୋଇଥିବା ତଥା ହାଲ୍‌କା ରଙ୍ଗର ଶାଢ଼ି, ଲେହେଙ୍ଗା କିମ୍ବା ଅନାରକଲି ଡ୍ରେସ୍ ସହ ପିନ୍ଧିଲେ ବେଶ୍ ଭଲ ମାନିଥାଏ।


**ପର୍ଲ ଖଚିତ ଝୁମୁକା:** ପର୍ଲ ଖଚିତ ଜୁଏଲେରି ମଧ୍ୟ ମହିଳାମାନଙ୍କୁ ଖୁବ୍ ମାନେ। ଏପରିକି ମାର୍କେଟ୍‌ରେ ବି ଏବେ ଅନେକ ଥ୍ରୀ ଲେୟାର ଝୁମୁକାରେ ମଧ୍ୟ ପର୍ଲ ଖଚିତ ହୋଇ ଆସୁଥିବା ଦେଖିବାକୁ ମିଳୁଛି। ଖାସ୍‌କରି ଧଳାରଙ୍ଗର ଆଉଟ୍‌ଫିଟ୍ ସହ ପର୍ଲ ଖଚିତ ଏହି ଝୁମୁକା ସୁନ୍ଦର ଦେଖାଯାଇଥାଏ।

**ଷ୍ଟୋନ ଖଚିତ ଝୁମୁକା:** ଗୋଲ୍‌ଡେନ କଲରର ଥ୍ରୀ ଲେୟାର ଝୁମୁକାରେ ଯଦି କେବଳ ଧଳା ରଙ୍ଗର ଷ୍ଟୋନ ଲାଗିଥିବ, ତା'ହେଲେ ଜରି ବର୍ଡର ବାଲା ଯେକୌଣସି ଆଉଟ୍‌ଫିଟ୍ ସହ ଏହାକୁ ମ୍ୟାଚିଂ କରି ପିନ୍ଧିହେବ। ଆଉ ଯଦି ଝୁମୁକାରେ ମଲ୍ଟି କଲରର ଷ୍ଟୋନ ଲାଗିଥିବ, ତା'ହେଲେ ଏହାକୁ କଲରଫୁଲ୍ ଆଉଟ୍‌ଫିଟ୍ ସହ ପିନ୍ଧିଲେ ବେଶ୍ ଭଲ ମାନିବ।

**ବିଡ୍ସ ଖଚିତ ଝୁମୁକା:** ବିଡ୍ସ ବା ମାଳି ଖଚିତ ଥ୍ରୀ ଲେୟାର ଝୁମୁକାରେ ଯେଉଁ ରଙ୍ଗର ମାଳି ବ୍ୟବହାର ହୋଇଥାଏ ସେହି ରଙ୍ଗର ଆଉଟ୍‌ଫିଟ୍‌କୁ ମ୍ୟାଚିଂକରି ପିନ୍ଧିଲେ ସୋବର୍ ଲୁକ୍ ମିଳେ। ଆଉ ଯଦି ଝୁମୁକାରେ ମଲ୍ଟି କଲରର ମାଳି ଲାଗିଥିବ, ତା'ହେଲେ ତାକୁ ଯେ କୌଣସି ରଙ୍ଗର ପୋଷାକ ସହ ପିନ୍ଧିହେବ।

**ଅକ୍ସିଡାଇଜ୍ଡ ଝୁମୁକା:** ଉଭୟ ଟ୍ରାଡିସନାଲ ତଥା ମଡର୍ନ ଆଉଟ୍‌ଫିଟ୍ ସହ ଅକ୍ସିଡାଇଜ୍ଡ ଜୁଏଲେରି ବେଶ୍ ମାନିଥାଏ। କିନ୍ତୁ ଅକ୍ସିଡାଇଜ୍ଡ ଥ୍ରୀ ଲେୟାର ଝୁମୁକା ଖାସ୍‌କରି ପାରମ୍ପରିକ ଶାଢ଼ି, ଲେହେଙ୍ଗା ତଥା ସାଲୱାର୍ ସହ ଅଧିକ ସୁନ୍ଦର ଦେଖାଯାଇଥାଏ।







# ଯତୀନ ଲଳିତ

ତୁଝେ ଦେଖା ତୋ ୟେ ଜାନା ସନମ୍! ଦିଲୱାଲେ ଦୁଲ୍‌ହନିଆ ଲେ ଜାଏଙ୍ଗେ (ଡିଡିଏଲ)ଚଳଚ୍ଚିତ୍ରର ଏହି ଗୀତଟି ଏବେ ସୁଦ୍ଧା ଲୋକଙ୍କ କାନରୁ ହଜିନାହିଁ। ଏହି ଗୀତରେ କଣ୍ଠଦାନ କରିଥିଲେ କୋକିଳକଣ୍ଠୀ ଲତା ମଙ୍ଗେସ୍‌କର ଏବଂ କୁମାର ସାନୁ। ନବେ ଦଶକରେ ରିଲିଜ୍ ହୋଇଥିବା ଡିଡିଏଲ୍‌ର ସିଗ୍‌ନେଚର ସଙ୍ଗୀତ ଥିଲା ଏହି ଗୀତ। ଅନେକେ ହୁଏ ତ ଜାଣି ନ ଥିବେ ଏହି ଗୀତର ସୁରକାର ହେଉଛନ୍ତି ଦୁଇଭାଇ। ସେମାନେ ହେଉଛନ୍ତି ଯତୀନ ପଣ୍ଡିତ ଏବଂ ଲଳିତ ପଣ୍ଡିତ। ସଂକ୍ଷେପରେ ଯତୀନ-ଲଳିତ ଭାବରେ ଏମାନେ ସଙ୍ଗୀତ ଦୁନିଆରେ ବହୁ ପ୍ରସିଦ୍ଧ। ଯତୀନ ପଣ୍ଡିତ ବଡ଼ ହୋଇଥିବା ବେଳେ ଲଳିତ ପଣ୍ଡିତ ହେଉଛନ୍ତି ସାନଭାଇ। ପିଲାବେଳୁ ସଙ୍ଗୀତ ପ୍ରତି ଆକୃଷ୍ଟ ଏହି ଦୁଇଭାଇଙ୍କ ନାମରେ ରହିଛି ବହୁ ସଫଳ ଫିଲ୍ମର ତାଲିକା। ସେଥିମଧ୍ୟରୁ କେତୋଟି ହେଉଛି ୟାରା ଦିଲ୍‌ଦାରା, ଖିଲାଡ଼ି, ଯୋ ଜିତା ୱହି ସିକନ୍ଦର, ରାଜୁ ବନଗୟା ଜେଣ୍ଟଲମ୍ୟାନ୍, ଖାମୋସୀ-ଦି ମ୍ୟୁଜିକାଲ, ଦିଲ୍‌ୱାଲେ ଦୁଲହନିଆ ଲେ ଜାଏଙ୍ଗେ, ଫରେବ, ୟେସ ବସ୍, ଜବ୍ ପ୍ୟାର କିସିସେ ହୋତା ହେ, କୁଛ୍ କୁଛ୍ ହୋତା ହେ, ସରଫରୋସ, ଗୁଲାମ, ମୋହବତେଁ, କଭି ଖୁସି କଭି ଗମ୍, ଫନା ଏବଂ ଆହୁରି ଅନେକ। ଯତୀନ-ଲଳିତ କରିଥିବା ସବୁ ଫିଲ୍ମର ମ୍ୟୁଜିକ ହିଟ୍ ଆଉ ସର୍ବକାଳୀନ ଲୋକପ୍ରିୟ। ମେଲୋଡ଼ିକୁ ବହୁମାତ୍ରାରେ ପ୍ରାଧାନ୍ୟ ଦେଉଥିବା ଯତୀନ-ଲଳିତଙ୍କୁ ଏଥିପାଇଁ ମିଳିଛି ବହୁ ସମ୍ମାନ ଓ ସ୍ୱୀକୃତି।

**ପରିବାର :** ଏକ ସଙ୍ଗୀତ ପରିବାରରେ ଜନ୍ମ ଯତୀନ-ଲଳିତଙ୍କର। ହରିୟାଣାର ହିସାର ଜିଲା ଅନ୍ତର୍ଗତ ପିଲି ମଣ୍ଡୋରି ନାମକ ଏକ ଗାଁ। ସେହି ଗାଁରେ ଜନ୍ମ ହୋଇଥିଲେ ଯତୀନ-ଲଳିତ। ବିଖ୍ୟାତ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ପଣ୍ଡିତ ଯଶରାଜ ହେଉଛନ୍ତି ସେମାନଙ୍କର ମାମୁ। ତାଙ୍କ ବାପା ପଣ୍ଡିତ ପ୍ରତାପ ନାରାୟଣ ଥିଲେ ଜଣେ ଶାସ୍ତ୍ରୀୟ ସଙ୍ଗୀତ ଗାୟକ। ତାଙ୍କରି ଠାରୁ ହିଁ ଯତୀନ-ଲଳିତ ସଙ୍ଗୀତ ଶିକ୍ଷା କରିଥିଲେ। ପିଲାଟି ବେଳରୁ ସେମାନଙ୍କର ସଙ୍ଗୀତରେ ଭରପୂର ରୁଚି ରହିଥିଲା। ବଡ଼ହେବା ପରେ ସେମାନେ ଗୀଟାର ଏବଂ ପିଆନୋ ଶିକ୍ଷା କରିଥିଲେ। ପ୍ୟାରେଲାଲ ରାମପ୍ରସାଦ ଶର୍ମା (ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ ଯୋଡ଼ି)ଙ୍କଠାରୁ ସେମାନେ ଉଭୟ ଗୀଟାର ତଥା ପିଆନୋ ଶିକ୍ଷା କରିଥିଲେ। ତାଙ୍କ ପରିବାର ହିନ୍ଦୀ ଫିଲ୍ମ ଦୁନିଆ ସହିତ ଜଡ଼ିତ ଥିଲା। ହିନ୍ଦୀ ଫିଲ୍ମ ଅଭିନେତ୍ରୀ ସୁଲକ୍ଷଣା ପଣ୍ଡିତ ତଥା ବିଜୟେତା ପଣ୍ଡିତ ସେମାନଙ୍କର ଭଉଣୀ ଥିଲେ। ଦିବଂଗତ ସଙ୍ଗୀତ ନିର୍ଦ୍ଦେଶକ ଆଦେଶ ଶ୍ରୀବାସ୍ତବ ଥିଲେ ସେମାନଙ୍କର ଭିଣୋଇ। ବିଜୟେତାଙ୍କୁ ବିବାହ କରିଥିଲେ ଆଦେଶ।



**ସଙ୍ଗୀତ ବାହାରେ ଜୀବନ :** କେବଳ ସଙ୍ଗୀତରେ ନୁହେଁ; ଅଭିନୟରେ ମଧ୍ୟ ରୁଚି ରଖୁଥିଲେ ଉଭୟ ଯତୀନ-ଲଳିତ। ଅବଶ୍ୟ ସେମାନେ କେବେ ବି ଅଭିନୟର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନଥିଲେ। ତେବେ ସେମାନେ ଅନେକ ଫିଲ୍ମରେ ଅତିଥି କଳାକାର ଭାବରେ ଅବତୀର୍ଣ୍ଣ ହୋଇଥିବା ଦେଖାଯାଏ। ସେମିତି ଏକ ଫିଲ୍ମ ହେଉଛି 'ଯୋ ଜିତା ୱହି ସିକନ୍ଦର'। ଏଥିରେ ଯତୀନ ଜଣେ ଅଭିନେତ୍ରୀଙ୍କ ସହ ଗୀତ ଗାଉଥିବା ବେଳେ ଲଳିତ ଗିଟାର ବଜାଉଥିବା ଦେଖିବାକୁ ମିଳୁଛି। ଷ୍ଟେଜ ଶୋ'ରେ ସେମାନଙ୍କ ପରଫର୍ମାନ୍ସ ସବୁବେଳେ ଉଚ୍ଚକୋଟୀର ବୋଲି ସମୀକ୍ଷକମାନେ ମତବ୍ୟକ୍ତ କରନ୍ତି। ଏତଦ୍‌ବ୍ୟତୀତ ଯତୀନ-ଲଳିତ ସବୁବେଳେ ନିରୋଳାରେ ରହିବାକୁ ପସନ୍ଦ କରନ୍ତି। କ୍ୱଚିତ କ୍ୟାମେରା ସାମ୍ନାକୁ ଆସନ୍ତି। ଏ ବାବଦରେ ସେମାନଙ୍କର କୌଣସି ରୁଚି ନଥିବା ସେମାନେ ଅନେକଥର ପ୍ରକାଶ କରିଛନ୍ତି। ସେଥିଲାଗି ସେମାନଙ୍କୁ ବେଶି ଟେଲିଭିଜନ ଶୋ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥାଏ। ସେମାନେ ଜଜ୍ ଭାବରେ ଜି-ଟେଲିଭିଜନର ମ୍ୟୁଜିକାଲ ଶୋ 'ସା ରେ ଗା ମା ପା'ରେ ଯୋଗ ଦେଇଥିବା ବେଳେ ଷ୍ଟାର ଭଏସ ଅଫ୍ ଇଣ୍ଡିଆରେ ମଧ୍ୟ ଯୋଗଦାନ କରିଥିଲେ।

**ମ୍ୟୁଜିକାଲ କ୍ୟାରିଅର :** ୧୯୯୧ରେ ଆରମ୍ଭ ହୋଇଥିଲା ସେମାନଙ୍କର ଫିଲ୍ମ କ୍ୟାରିଅର। ପ୍ରଥମଫିଲ୍ମ ଥିଲା 'ୟାରା ଦିଲ୍‌ଦାରା'। ଏହାଥିଲା ଏକ ମ୍ୟୁଜିକାଲ୍ ହିଟ୍ ଫିଲ୍ମ। ଏହାର ପ୍ରତ୍ୟେକ ଗୀତକୁ ଲୋକମାନେ ପସନ୍ଦ କରିଥିଲେ। ସେଥିମଧ୍ୟରୁ ଗୋଟିଏ ଗୀତ ଥିଲା 'ବିନ୍ ତେରେ ସନମ୍'। ତେବେ ଲୋକମାନେ ସେମାନଙ୍କୁ ଚିହ୍ନିଲେ 'ଖିଲାଡ଼ି' ଏବଂ 'ଯୋ ଜିତା ୱହି ସିକନ୍ଦର' ମୁଭିରୁ। 'ଯୋ ଜିତା ୱହି ସିକନ୍ଦର' ମୁଭିର ଗୀତ 'ପେହେଲା ନସା' ଗୀତଟି ଏବେ ମଧ୍ୟ ଏକ ହିଟ୍ ଗୀତ ହୋଇ ରହିଛି। ଏହା ପଛକୁପଛ କୁଛ୍ କୁଛ୍ ହୋତା ହେ, ଡିଡିଏଲ, ମୋହବତେଁ ଆଦି ଫିଲ୍ମ ସେମାନଙ୍କୁ ସଫଳତାର ଶୀର୍ଷକୁ ନେଇ ଯାଇଥିଲା। ଅବଶ୍ୟ ସଫଳତାର ଶିଡ଼ି ଚଢୁଥିବା ବେଳେ ଦୁଇଭାଇଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଥିଲା। ଉଭୟେ ଉଭୟଙ୍କଠାରୁ ପୃଥକ୍ ହୋଇଯାଇଥିଲେ।





## ପ୍ରଶ୍ନଟିଏ ତୁମକୁ

–କାର୍ତ୍ତିକେଶ୍ୱର ସାହୁ

ସମୟର ଶରାଘାତେ
ବିଦୀର୍ଣ୍ଣ ଶରୀର,
କେବେକେବେ ଭୋଗୁଥାଏ
ଜୀବନ୍ତ ମରଣ।
ବିଶ୍ୱାସରେ ବିଷଭରି
ନିଶ୍ୱାସରେ ନିଆଁ ଜାଳେ,
ନ ପୋଡି ପାଉଁଶ ହୁଏ
ନିରୀହ ପରାଣ।
ପ୍ରେମ ଏଠି ଖଟାଖଟା
ଲୁହେ ଭିଜେ ନଈପଠା।
ଦୁନିଆଟା ରଙ୍ଗମଖା,
ସ୍ୱପ୍ନ ସବୁ ଫିକାଫିକା
ତେବେ, ଏ କି ଜୀବନ!!
କହିବ କି,
ଅଭିନୟେ ବଞ୍ଚିବାର କି ଅବା କାରଣ ??

–ଚଣ୍ଡିଆପଲା, ଖୋର୍ଦ୍ଧା–୭୫୨୦୬୧

## ଚୁଲୀ

–ବିକେଶ ସାହୁ

ଚୁଲୀ !
ଯେଉଁଠି ମୋ ବୋଉ
ଜାଳିଦିଏ ତା ତମାମ
ଦୁଃଖ ଆଉ ଯନ୍ତ୍ରଣା ସବୁକୁ

ଗୋଟିଗୋଟି କରି
ଫୋପାଡି ଚାଲେ
ଜାଳେଣି କରି
ତା ଜୀବନ ଆଉ ତମାମ ଯୌବନକୁ

ସେ ସବୁ ଜଳିଚାଲେ
ଆଉ ବୋଉ
ସେମିତି ଜାଳୁଥାଏ
ତା ଆୟୁଷ ସବୁକୁ
କେତୋଟି ଭୋକିଲା ପେଟରେ
ମୁଠାଏ ଭାତ
ଆଉ ମୁନ୍ଦାଏ ତୋରାଣି ଦେବାକୁ

*–ସ୍ନାତକୋତ୍ତରଓଡ଼ିଆବିଭାଗ*
*ରେଭେନ୍ସାବିଶ୍ୱବିଦ୍ୟାଳୟ, କଟକ*

## ବ୍ୟକ୍ତିତ୍ୱ

–ବିମଳେନ୍ଦୁ ପଟ୍ଟନାୟକ

"ମା, ଗଣ୍ଡେ ଭିକ ମିଳୁ।"
"ବାବୁ, ପଇସାଟିଏ ଦିଅ ।"
ରବିବାର ସକାଳୁ ସକାଳୁ ସେଇ ଚିରାଚରିତ ଡାକ ଶଙ୍କରାର। ଛୋଟା ଭିକାରି। ପ୍ରତି ରବିବାର ଆସେ ଟ୍ରାଇସାଇକେଲରେ।
ମୋ ସହଧର୍ମିଣୀ ଓ ମୁଁ କେବେ ଚାଉଳ ମୁଠାଏ ତ କେବେ କଏନ୍‌ଟିଏ ତା'ଥାଳରେ ପକେଇ ଦେଉ। ତା'ପରେ
ସେ ତା' ଟ୍ରାଇସାଇକେଲକୁ ଆଗକୁ ଗଡ଼େଇନିଏ। ଏଇମିତି ତଥାକଥିତ ଦାତା ଗ୍ରହୀତାର କ୍ଷୁଦ୍ର ଏକ
ମିନିଟିଆ ସାପ୍ତାହିକ ଉପାଖ୍ୟାନର ଅନ୍ତ ଘଟେ।
ଆଜି କିନ୍ତୁ ସେ ଏମିତି ସମୟରେ ଆସିଲା ପତ୍ନୀ ସେତେବେଳେ ବାଥ୍‌ରୁମରେ ଆଉ ମୁଁ କମ୍ପ୍ୟୁଟରରେ କିଛି ଡାଟା
ଲୋଡ କରୁଥିଲି।
ରିଙ୍କୁ କହିଲା, ବାବା, ମୁଁ ଶଙ୍କଲାକୁ ଟଙ୍କା ଦେଇଦେବି ?
ଦୁଇବର୍ଷର ପୁଅ ରିଙ୍କୁ। କେବେକେବେ ମା'ସାଙ୍ଗରେ ଯାଇ କଏନ୍‌ଟିଏ ତା'ଥାଳରେ ପକେଇଦିଏ।
ଦେଇଦେବ ବୋଲି କହୁଛି ଦଉ।
"ହଉ ଯା, ଡ୍ରୟାରରୁ ଟଙ୍କାଟିଏ ନେଇ ଦବୁ।"
ମୋ କାର୍ଯ୍ୟରେ ମୁଁ ମନ ଦେଲି। କିଛିକ୍ଷଣ ବିତିଯାଇଥିଲା ବୋଧହୁଏ। ମୋ ଏକାଗ୍ରତାରେ ପୁଣି ବାଧା ସୃଷ୍ଟି ହେଲା।
"ମା, ବାବୁ। ବାବୁ ମା।"
ସେଇ ଶଙ୍କରାର ଡାକ। ଦୋହରେଇ ଚାଲିଥିଲା।
ରିଙ୍କୁ ଖେଳୁଛି ଖେଳଣା ଗାଡ଼ିଟାକୁ ଧରି ଚଟାଣ ଉପରେ।
"ରିଙ୍କୁ, ପଇସା ଦେଲୁନି କି ?"
"ହଁ, ଦେଲି ପଲା।"
ତେବେ ପୁଣି ସେ ଡାକୁଛି କାହିଁକି ? ଶଙ୍କରା ଡାକି ଚାଲିଥିଲା "ବାବୁ..ମା।"
ମନ ମୋର ଉତ୍ତେଜିତ ହେଇଗଲା। ବିରକ୍ତିରେ କମ୍ପ୍ୟୁଟର ଚେୟାରଟାକୁ ଠେଲି ଦେଇ ଦାଣ୍ଡ ଦୁଆରକୁ ଆସିଲି।
"କାହିଁକି ଏତେ ଚିତ୍କାର କରୁଛୁ ? ଟିକେ ଶାନ୍ତିରେ କାମ କରେଇ ଦବୁନି ? କିଏ କୋଉ କାମ କରୁଥିବ,
କ'ଣ କରୁଥିବ, ଖାଲି ଅନେଇ ବସିଥିବେ ତୁ ଆସିଲେ ତତେ ଭିକ ଦେବେ ବୋଲି ? " ଚଢ଼ା ଗଳାରେ କହିଲି।
"ନାଇଁ ବାବୁ, ରାଗନ୍ତୁନି। ଛୁଆବାବୁ ଭୁଲ୍‌ରେ ମୋତେ ପାଞ୍ଚଶହ ଟଙ୍କା ଦେଇ ଦେଇଛନ୍ତି।"
"ଏଁ", ମୁଁ ଚମକି ପଡ଼ିଲି। ସକାଳୁ ମାଛ ନେଇ ଆସିବା ବେଳେ ପକେଟରେ ପାଞ୍ଚଶହ ଟଙ୍କାର ନୋଟ୍‌ଟିଏ
ଓ କିଛି ଖୁଚୁରା ପଇସା ଥିଲା। କାର୍ଯ୍ୟବ୍ୟସ୍ତତା ହେତୁ ନୋଟ୍‌ଟିକୁ ଆଲମିରାରେ ନ ରଖି ଖୁଚୁରା ପଇସା ସହ
ସେଇ ଡ୍ରୟାରରେ ପକେଇ ଦେଇଥିଲି। ରିଙ୍କୁ ସେଇ ନୋଟ୍‌ଟିକୁ ଦେଇଦେଇଛି।
ଶଙ୍କରା ନୋଟ୍‌ଟିକୁ ବାରଣ୍ଡାରେ ରଖି ତା' ଟ୍ରାଇସାଇକେଲକୁ ଆଗକୁ ଚାଲି ନେଉଥିଲା ସଶବ୍ଦେ ହାତର ଆହୁଲାରେ।
ଆଉ ନିଶବ୍ଦରେ ଗୋଟିଏ ବ୍ୟକ୍ତିତ୍ୱ ଆଗରେ ଆଉ ଗୋଟିଏ ବ୍ୟକ୍ତିତ୍ୱ ଧକ୍କା ଖାଇ ଚୂରମାର ହେଇଯାଉଥିଲା।

*–୩୬/ସିଟିହୋମ୍‌ସ, ତିରନପଦା,*
*ବାଲିଅନ୍ତା, ଖୋର୍ଦ୍ଧା*



# ଗୁରୁ ହେବ ଏମିତି

ନିକଟରେ ରିଲିଜ ହୋଇଥିବା ଆକ୍ସନଭିତ୍ତିକ ହିନ୍ଦୀ ସିନେମା 'ୱାର୍' ଆରମ୍ଭରୁ ବକ୍ସ ଅଫିସରେ ଚହଳ ସୃଷ୍ଟି କରିଛି। ମାତ୍ର ଦିନ କେଇଟାରେ ଏହା ୧୦୦କୋଟି କ୍ଲବରେ ସାମିଲ ହୋଇଛି। ତେବେ ଏହି ଫିଲ୍ମରୁ ବେଶି ଫାଇଦା ମିଳିଛି ଏହାର ଅନ୍ୟତମ ଅଭିନେତା ତଥା ବଲିଉଡ୍‌ର ୟଙ୍ଗ ସେନସେଶନ ଟାଇଗର ଶ୍ରଫ୍‌ଙ୍କୁ। ସେ ଯେଉଁଭଳି ଏକ ଗୁରୁ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ହେଲେ ତାଙ୍କର ଏହି ଗୁରୁ କିଏ ଜାଣନ୍ତି। ହୃତିକ ରୋଶନ। ହୃତିକ ମଧ୍ୟ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମର ଶୁଟିଂ ସମୟରେ ଟାଇଗର ତାଙ୍କ ସହ ଯେଉଁ ସମୟ କଟାଇଥିଲେ ତାହାକୁ କେବେ ଭୁଲି ପାରିବେ ନାହିଁ ବୋଲି କହି ବୁଲୁଛନ୍ତି। କେବଳ ସେତିକି ନୁହେଁ, ହୃତିକଙ୍କୁ ଟାଇଗର ନିଜର ଆକ୍ସନ ଗୁରୁ ଭାବରେ ମାନି ନେଇଛନ୍ତି। ଏ ବିଷୟରେ ଟାଇଗର କହନ୍ତି, 'କେତେକ ଆକ୍ସନ ସିକୁଏନ୍ସକୁ ନେଇ ମୋ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବ୍ରେକ୍ ସମୟରେ ଯେତେବେଳେ ମୁଁ ହୃତିକଙ୍କ ସହ ଏ ନେଇ ଆଲୋଚନା କଲି ସେ ମୋତେ ତାହାର ସରଳ ଉପାୟ ବତାଇ ଦେଇଥିଲେ। ଯାହା କହନ୍ତୁ ନା କାହିଁକି, ଆକ୍ସନ ସିକୁଏନ୍ସକୁ କିପରି ହ୍ୟାଣ୍ଡେଲ କରିବାକୁ ହୁଏ ତାହାର ସହଜ ଉପାୟ ମୁଁ ତାଙ୍କ ନିକଟରୁ ଶିଖିଛି। ସେ ହେଉଛନ୍ତି ମୋ ଆକ୍ସନ ଗୁରୁ।' ସେପଟେ ଟାଇଗର ଜଣେ ଭଲ ଅଭିନେତା ଏବଂ ଦିନେ ନା ଦିନେ ସେ ନିଜକୁ ଜଣେ ଲୋକପ୍ରିୟ ଅଭିନେତା ଭାବରେ ପରିଚିତ କରାଇ ପାରିବେ ବୋଲି କହିଛନ୍ତି ହୃତିକ।


ଟାଇଗର ଶ୍ରଫ୍

# କେବଳ ଡ୍ୟାନ୍ସ

କଙ୍ଗନା ଏବେ ପାରମ୍ପରିକ ନୃତ୍ୟ ଭାରତନାଟ୍ୟମ ଶିଖିବାରେ ବ୍ୟସ୍ତ ଅଛନ୍ତି। କାରଣ ସେ ଅଭିନୟ କରୁଥିବା ହିନ୍ଦୀ ସିନେମା 'ତଲୈଭି'ରେ ଏପରି ଏକ ସିକୁଏନ୍ସ ସଂଯୋଗ କରାଯାଇଛି। ପୁଣି ଏହି ସିକୁଏନ୍ସର ଶୁଟିଂ ଚଳିତବର୍ଷ ଦୀପାବଳି ପରେ ମହୀଶୂରଠାରେ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏବେ କଙ୍ଗନା ରାଣାୱତ ଭାରତନାଟ୍ୟମ ଶିଖୁଛନ୍ତି। ଏ ନେଇ ସେ କହନ୍ତି, 'ଯେତେବେଳେ ଏହି ଫିଲ୍ମର ପ୍ରଯୋଜକ ବିଷ୍ଣୁ ବର୍ଦ୍ଧନ ଇନ୍ଦୁରୀ ମୋତେ କାହାଣୀ ଏବଂ ଏଭଳି ସିକୁଏନ୍ସ ବିଷୟରେ କହିଥିଲେ ସେତେବେଳେ ଭାରତନାଟ୍ୟମକୁ ନେଇ ମୁଁ ଟିକେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲି। କାରଣ ଏହି ଡ୍ୟାନ୍ସ କରିବା ଏତେ ସହଜ ନୁହେଁ। ତଥାପି ଭାରତନାଟ୍ୟମ ଗୁରୁଙ୍କ ନିକଟରୁ ମୁଁ ଏବେ ଏହାକୁ ଶିଖୁଛି। ଆଶା ରଖିଛି ଶୁଟିଂ ପୂର୍ବରୁ ମୁଁ ଏହି ଡ୍ୟାନ୍ସ ଭଲ ଭାବରେ ଶିଖିଯାଇଥିବି।' ସୂଚନାଯୋଗ୍ୟ ପ୍ରଖ୍ୟାତ ତାମିଲ ଅଭିନେତ୍ରୀ ତଥା ପରବର୍ତ୍ତୀ ସମୟରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିବା ଜୟଲଳିଥାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି 'ତଲୈଭି'। ଏହି ଫିଲ୍ମରେ ହଲିଉଡ୍ ଅଭିନେତା ଜ୍ୟାସନ କୋଲିନ୍ସ ଅଭିନୟ କରିବେ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।


କଙ୍ଗନା

# ଗୁଡ୍ ନ୍ୟୁଜ୍ ଦେବେ ବେବୋ


କରୀନା

କରୀନା କପୁର ଓରଫ ବେବୋ ଖୁବ୍ ଶୀଘ୍ର ଗୁଡ୍ ନ୍ୟୁଜ ଦେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ସୂଚନା ଦେବା ପରେ ତାକୁ ନେଇ ଆଲୋଚନା ଜୋର୍ ଧରିଛି। ହେଲେ ସେହି ଗୁଡ୍ ନ୍ୟୁଜ୍ କ'ଣ ସେ ନେଇ କିଛି କହୁନାହାନ୍ତି ସେ। ଅସଲ କଥା ହେଲା କରୀନା ଏବେ ଏକ ନୂଆ ସିନେମାର ନାୟିକା ସାଜିବାକୁ ଯାଉଛନ୍ତି। ତାହାର ଟାଇଟଲ ରହିଛି 'ଗୁଡ୍ ନ୍ୟୁଜ୍'। ଏହି ଫିଲ୍ମରେ ସେ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହେବେ। ହେଲେ ସେହି ଭୂମିକାଟି କିପରି ସେନେଇ ଏବେ କିଛି କହୁନାହାନ୍ତି କରୀନା। ଏ ନେଇ କରୀନା କହନ୍ତି 'ଏହି ଫିଲ୍ମରେ ମୋ ପାଇଁ ଏକ ଗୁଡ୍ ନ୍ୟୁଜ୍ ରହିଛି। ଏଥିରେ ମୋତେ ମିଳିଥିବା ଭୂମିକା ମୋ ପ୍ରଶଂସକମାନଙ୍କୁ ଚମକାଇ ଦେବ। ହେଲେ ତାହା କ'ଣ ଏବେଠାରୁ କହିବି ନାହିଁ। ସମୟ ଆସିଲେ ସମସ୍ତେ ଜାଣିପାରିବେ।' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅକ୍ଷୟ କୁମାର ଏବଂ କରନ୍ ଜୋହର। ଏଥିରେ କରୀନାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅକ୍ଷୟ କୁମାର।

# ଆଶାରେ ମହିମା

ନବାଗତା ମହିମା ଦାସ। ଓଡ଼ିଆ ସିନେମା ତରଙ୍ଗ ସିନେ ପ୍ରଡକ୍ସନରେ ନିର୍ମିତ 'ଚାଲ ଟିକେ ଦୁଷ୍ଟ ହେବା'ରୁ ତାଙ୍କର ଓଲିଉଡ କ୍ୟାରିୟର ଆରମ୍ଭ ହୋଇଥିଲା। ମଡେଲ ଡ୍ୟାନ୍ସରୁ ସେ ସିଧାସଳଖ ଏଣ୍ଟ୍ରି କରିଥିଲେ ଅଭିନୟ ଜଗତକୁ। ପ୍ରଥମ ସିନେମାର ନିର୍ଦ୍ଦେଶକ ତାପସ ସରଘରିଆଙ୍କ ଟିପ୍ସ ତାଙ୍କ କ୍ୟାରିୟରକୁ ଆରମ୍ଭରୁ ବେଶ୍ ମାଇଲେଜ ଦେଇଥିଲା। ଏଥିରେ ସେ ଜଣେ ଚୁଲବୁଲି ତଥା ନଟି ଭୂମିକା (ଆନିକା)ରେ ଅଭିନୟ କରି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲେ। ଏବେ ତାଙ୍କ ଅଭିନୀତ ଦୁଇଟି ସିନେମା 'ତମେ ମୋ ଶଙ୍ଖା ତମେ ମୋ ସିନ୍ଦୂର' ଏବଂ 'ଲଭ୍ ୟୁ ପ୍ରିୟା' ରିଲିଜ ଅପେକ୍ଷାରେ ରହିଛି। ବିବେକ କୁମାରଙ୍କ ନିର୍ଦ୍ଦେଶିତ 'ଲଭ ୟୁ ପ୍ରିୟା'ରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୋହମ ସିଂ। ନିଜ ଅଭିନୟ କ୍ୟାରିୟର ସମ୍ପର୍କରେ ମହିମା କହନ୍ତି, 'ମୁଁ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ' (୨୦୧୭)ର କ୍ୱାର୍ଟର ଫାଇନାଲିଷ୍ଟ ଏବଂ ଗତ ବର୍ଷ ପ୍ରସାରିତ ଇଣ୍ଡିଆ ଗଟ୍ ଟ୍ୟାଲେଣ୍ଟରେ ମଧ୍ୟ କ୍ୱାର୍ଟର ଫାଇନାଲିଷ୍ଟ ହେବାର ଯୋଗ୍ୟତା ଅର୍ଜନ କରିଥିଲି। ଆକ୍ଟିଂ ବିଷୟରେ ସେପରି ଜ୍ଞାନ ନ ଥିଲେ ମଧ୍ୟ ପ୍ରଥମ ସିନେମାରେ ନିର୍ଦ୍ଦେଶକଙ୍କ କେତୋଟି କଥା ମୋତେ ବେଶ୍ ପ୍ରଭାବିତ କରିଥିଲା ଏବଂ ତା'ପରେ ଏହାକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲି। ଅଭିନୟ ସହଜ କଥା ନୁହେଁ, ହେଲେ ଏଥିରେ ନୂଆ କିଛି ଦେଖାଇବାକୁ ଆଶା ରଖିଛି।' ବାଙ୍ଗାଲୁରୁରେ ଜନ୍ମିତା ମହିମା ବର୍ତ୍ତମାନ ଯୁକ୍ତ ଦୁଇ କମର୍ସର ଶେଷ ବର୍ଷ ଛାତ୍ରୀ। ତେବେ ଓଡ଼ିଆ ସିନେମାରେ ସେ ନିଜ କ୍ୟାରିୟରକୁ କେତେ ବାଟ ଆଗେଇ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ମହିମା

# ସୁଶାନ୍ତଙ୍କ ପ୍ରେମ କାହାଣୀ

ସୁଶାନ୍ତ ସିଂ ରାଜପୁତ। ହାତୀ ମୁଣ୍ଡରେ ସୁନା କଳସ ଢାଳିଲା ପରି ବର୍ଷ କେଇଟା ଭିତରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ନିକଟରେ ଏକ କାର୍ଯ୍ୟକ୍ରମରେ ନିଜ କ୍ୟାରିୟର ସମ୍ପର୍କରେ କହୁ କହୁ ନିଜ ପ୍ରେମ କାହାଣୀ ବିଷୟରେ ବଖାଣି ବସିଥିଲେ ସୁଶାନ୍ତ। 'ମୁଁ ଯେତେବେଳେ ଷ୍ଟାଣ୍ଡାର୍ଡ-୪ରେ ପଢୁଥିଲି ସେତେବେଳଠାରୁ ମୋତେ ପ୍ରେମ ନିଶା ଘାରିଥିଲା। ସେତେବେଳେ ଆମ କ୍ଲାସ ଟିଚର ଦେଖିବାକୁ ବହୁତ ସୁନ୍ଦର ଥିଲେ। ସେ ଥିଲେ ମୋର ଫାଷ୍ଟ ଲଭ୍। ଯେହେତୁ ମୋତେ ଏକଜାମ୍ କ୍ଲିୟର କରିବାର ଥିଲା ତେଣୁ ତାଙ୍କୁ ମୁଁ କିଛି କହି ପାରି ନ ଥିଲି। ଏହା କେବଳ ମୋ ଭାବନାରେ ହିଁ ରହିଯାଇଥିଲା। ତା'ପରେ ଯେତେବେଳେ ମୁଁ ଷ୍ଟାଣ୍ଡାର୍ଡ-୯ରେ ପଢୁଥିଲି ସେତେବେଳେ ପୁଣି ଥରେ ଏକତରଫା ପ୍ରେମରେ ପଡିଯାଇଥିଲି। ହେଲେ ମୋ ଷ୍ଟୁଡେଣ୍ଟ କ୍ୟାରିୟରରେ ମୁଁ କାହାକୁ 'ଆଇ ଲଭ୍ ୟୁ' କହି ନ ଥିଲି।' ପରେ ଧାରାବାହିକ 'ପବିତ୍ର ରିସ୍ତା'ର ମୁଖ୍ୟ ଭୂମିକାରେ ଅଭିନୟ କରିବା ସମୟରେ ସେ ଏହାର ଫିମେଲ ଲିଡ୍ ଅଙ୍କିତା ଲୋଖାଣ୍ଡେଙ୍କ ପ୍ରେମରେ ପଡିଥିଲେ। ହେଲେ ଦୀର୍ଘ ଦିନ ପ୍ରେମ ଶେଷରେ ଫୁସୁରି ଯାଇଥିଲା। ଏବେ ସୁଶାନ୍ତ କୁଆଡେ ରିୟା ଚକ୍ରବର୍ତ୍ତୀଙ୍କ ପ୍ରେମରେ ଉବୁଟୁବୁ ବୋଲି ଶୁଣିବାକୁ ମିଳୁଛି।


ସୁଶାନ୍ତ

# ସେହି ଦୁଇ ଘଣ୍ଟା

ଦୁଇ ଘଣ୍ଟାକୁ ନେଇ ଏବେ ଚର୍ଚ୍ଚାର ପରିସରରେ ଅଛନ୍ତି ପରିଣୀତି ଚୋପ୍ରା। ସେହି ସମୟ ପଛରେ ନିଶ୍ଚୟ କିଛି ସ୍ପେଶାଲ ରହିଛି। କଥା କ'ଣ କି ବର୍ତ୍ତମାନ ପ୍ରତିଦିନ ସେ ଦୁଇ ଘଣ୍ଟାକୁ ହାତଛଡା କରୁନାହାନ୍ତି। ସବୁ କାମ କ୍ୟାନସେଲ କରି ସେତିକି ସମୟ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ନିଜକୁ ନିୟୋଜିତ ରଖୁଛନ୍ତି। ତାହା କ'ଣ ଜାଣନ୍ତି। ବ୍ୟାଡମିଣ୍ଟନ ପ୍ରାକ୍ଟିସ। ବର୍ତ୍ତମାନ ସେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଭାରତୀୟ ବ୍ୟାଡମିଣ୍ଟନ ତାରକା ସାଇନା ନେହ୍ୱାଲଙ୍କ ଉପରେ ନିର୍ମିତ ହେଉଥିବା ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ତେଣୁ ଯେମିତି ହେଲେ ବି ବ୍ୟାଡମିଣ୍ଟନ ଶିଖିବାକୁ ପଡ଼ିବ। ସେଥିପାଇଁ ଗତ କିଛିଦିନ ଧରି ସେ ଦିନକୁ ଦୁଇ ଘଣ୍ଟା ଫୁଲ୍ ଦମ୍‌ରେ ବ୍ୟାଡମିଣ୍ଟନ ପ୍ରାକ୍ଟିସ କରୁଛନ୍ତି। 'ଯେହେତୁ ଏହାର ଶୁଟିଂ ଏହି ମାସ ଶେଷ ସପ୍ତାହରେ ଆରମ୍ଭ ହେବାର ଯୋଜନା ରହିଛି, ତେଣୁ ସୀମିତ ସମୟ ଭିତରେ ମୋତେ ବ୍ୟାଡମିଣ୍ଟନ ଶିଖିବାକୁ ପଡ଼ିବ। ତେଣୁ ଦିନକୁ ଦୁଇ ଘଣ୍ଟା ଜୋରଦାର ଅଭ୍ୟାସ କରୁଛି ବୋଲି କହିଛନ୍ତି ପରିଣୀତି।'


ପରିଣୀତି

ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ରୋଗୀଣା ଶିଶୁକୁ ଖାଇବାକୁ ଦେଇଥିଲି



**ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ ଡା. ରମାରମଣ ଷଡ଼ଙ୍ଗୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

କଟକ ଜିଲାର ମଧ୍ୟକଚ୍ଛରେ ଆମ ଗାଁ ହୋଇଥିଲେ ହେଁ ବାପା ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଷଡ଼ଙ୍ଗୀ ଯେହେତୁ କେନ୍ଦୁଝରରେ ଚାକିରି କରୁଥିଲେ ତେଣୁ ମୋର ଜନ୍ମ ଓ ପାଠପଢ଼ା ସେହି କେନ୍ଦୁଝରରେ ହୋଇଥିଲା। ପିଲାଟିବେଳୁ ଫୁଟବଲ୍ ଖେଳିବାର ନିଶା ଥିଲା। ଏହା ସହ ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ଶର୍ଟପୁଟ୍ ଥ୍ରୋ ଓ ହାମର୍ ଥ୍ରୋ ବି ଖେଳୁଥିଲି। ଦୌଡ଼ରେ କେନ୍ଦୁଝର ଜିଲାରେ ପ୍ରଥମ ହେବା ସହ 'ଥ୍ରୋ'ରେ ଓଡ଼ିଶା ଅଲିମ୍ପିକ୍ସରେ ରେକର୍ଡ ବ୍ରେକ୍ କରିଥିଲି। ତା'ଛଡ଼ା ଫୁଟବଲ ଖେଳରେ ମଧ୍ୟ ସନ୍ତୋଷ ଟ୍ରଫି ଜୁନିୟର, ସନ୍ତୋଷ ଟ୍ରଫି ସିନିୟର ତଥା ଇଣ୍ଡିଆନ୍ ଫୁଟବଲ୍ ଆସୋସିଏଶନ୍ ତରଫରୁ ଫୁଟବଲ ଖେଳିବା ସହ ଇରାନ୍ ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ ବି ଖେଳିଥିଲି। ଖେଳ ସହ ପାଠରେ ମଧ୍ୟ ଭଲ ଥିଲି। କେନ୍ଦୁଝର ଡି.ଏନ୍. ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଧରଣୀଧର କଲେଜରେ ପ୍ରି-ପ୍ରଫେଶନାଲ ପଢ଼ିଥିଲି। ତା'ପରେ କଟକ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପାସ୍ କରି ଜେନେରାଲ ସର୍ଜରୀରେ ପିଜି ଓ ପିଜିଆଇ ଚଣ୍ଡିଗଡରେ ହାର୍ଟସର୍ଜରୀରେ ଏମ୍‌ସିଏଚ୍ କରିଥିଲି। ଏହାପରେ ଏସ୍‌ସିବି ମେଡିକାଲ କଲେଜର କାର୍ଡିଓ ଥୋରାସିକ ସର୍ଜରୀ ଡିପାର୍ଟମେଣ୍ଟରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲି। ପରେ ଆସିଷ୍ଟାଣ୍ଟ ପ୍ରଫେସର, ହୃଦ୍‌ବକ୍ଷ ଶଲ୍ୟ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ହେବା ସହ ଏସ୍‌ସିବି ମେଡିକାଲ୍ କଲେଜର ପ୍ରିନ୍ସିପାଲ ଦାୟିତ୍ୱ ମଧ୍ୟ ତୁଲାଇଥିଲି। ସେତେବେଳେ ଓଡ଼ିଶାରେ ଓପନ୍ ହାର୍ଟ ସର୍ଜରୀ ୟୁନିଟ୍ ଆରମ୍ଭ କରିବାରେ ମୋର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ଓ ମୁଁ ତା'ର ପ୍ରାଇମ୍ ମୁଭର୍ ଥିଲି। ମୁଁ ଯେଉଁ କଟାହାତ ଯୋଡିଥିଲି ତଥା ବାଇପାସ୍ ସର୍ଜରୀ ଓ ଭାସ୍କୁଲାର୍ ସର୍ଜରୀ କରିଥିଲି ତାହା କେବଳ ଓଡ଼ିଶାରେ ନୁହେଁ ସାରା ଭାରତବର୍ଷରେ ଚହଳ ସୃଷ୍ଟି କରିଥିଲା ଏବଂ ଏହା ଓଡ଼ିଶାର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଏକ ନୂତନ ଦିଗ୍‌ଦର୍ଶନ ବି ଦେଇଥିଲା। ତେବେ ଚାକିରି ଜୀବନରେ ମୁଁ ଅନେକ ଦରମା ପାଇଥିଲେ ମଧ୍ୟ ଏମ୍‌ବିବିଏସ୍ ପାସ୍ କରି ହାଉସ୍ ସର୍ଜନ ଥିବାବେଳେ ପ୍ରଥମ ମାସ ମୋତେ ଯେଉଁ ଦୁଇଶହ ଟଙ୍କା ଷ୍ଟାଇପେଣ୍ଡ ମିଳିଥିଲା ତାହା ମୋତେ ସେତେବେଳେ ଦୁଇ ଲକ୍ଷ ଟଙ୍କା ପରି ଲାଗିଥିଲା। ପ୍ରଥମେ ସେହି ଟଙ୍କାରୁ କିଛି ନେଇ ମା'କଟକଚଣ୍ଡୀଙ୍କ ପାଖେ ଭୋଗକରି ସାଙ୍ଗମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲି। ତା'ପରେ ସିଧାଯାଇ ପହଞ୍ଚିଥିଲି ସର୍ଜରୀ ୱାର୍ଡରେ। ଭାବିଥିଲି ଆଗ ଡ୍ୟୁଟି ସାରିବି ଆଉ ତା'ପରେ ମାର୍କେଟିଂ କରି ବସ୍ ଧରି କେନ୍ଦୁଝର ଯିବି। ହେଲେ ୱାର୍ଡରେ ରାଉଣ୍ଡ ଦେଲାବେଳେ ଦେଖିଲି ଛୋଟ ପିଲାଟିଏ ଜରିରେ ହାତ ପୂରାଇ କିଛି ଖାଦ୍ୟ ଖାଉଛି। ପାଖରେ ତା'ର ମା'ବାପା ବସି ଆଖିରୁ ଲୁହ ଗଡାଉଛନ୍ତି। ପାଖକୁ ଯାଇ ଦେଖିଲି ପିଲାଟି ତା' କୁନି କୁନି ହାତରେ ଖୁଦଭଜା ଖାଉଛି। ତା' ବାପାମା'ଙ୍କୁ ପଚାରିବାରୁ ସେମାନେ କୋହଭରା ସ୍ୱରରେ କହିଲେ, 'ସାର୍ ବହୁତ ଦିନ ହେଲା ଆସିଲୁଣି, ପୁଅର ଅପରେସନ୍ ହେବ, ଆଜି ପାଖରେ ପଇସା ନ ଥିଲା ପାଉଁରୁଟି, ବିସ୍କୁଟ କିଣିବାକୁ, ସେଥିପାଇଁ ସେ ଖୁଦ ଭଜା ଖାଉଛି।' ଏକଥା ଶୁଣି ମୋ ଦୁଇ ଆଖି ଲୁହରେ ଛଳଛଳ ହୋଇଗଲା। ପକେଟରୁ କୋଡିଏ ଟଙ୍କା କାଢି ତାଙ୍କୁ ଦେଇ କହିଲି, ଯାଅ ପୁଅ ପାଇଁ ବିସ୍କୁଟ, ପାଉଁରୁଟି ଆଣିଦବ। ଡ୍ୟୁଟି ସାରି ଗଲାବେଳକୁ ଦେଖିଲି, ଛୁଆଟି ଖୁବ୍ ଖୁସି ହୋଇ ବିସ୍କୁଟ ଖାଉଛି । ତା' ଲୁହଭରା ଆଖିରେ ମୁଁ ଖୁସିର ଝଲକ ଦେଖିବାକୁ ପାଇଥିଲି। ତା'ପରେ ମାର୍କେଟ ଯାଇ ବାପାଙ୍କ ପାଇଁ ଧୋତି, ପଞ୍ଜାବି ଓ ବୋଉ ପାଇଁ ଶାଢ଼ି କିଣି ଘରେ ପହଞ୍ଚି ଥିଲି। ରାସ୍ତାରେ ଘଟଗାଁ ମା' ତାରିଣୀଙ୍କୁ ନଡିଆ ଭୋଗ ବି ଲଗାଇଥିଲି। ଘରେ ପହଞ୍ଚିଲା ପରେ ବାପା ବୋଉଙ୍କୁ ପଞ୍ଜାବି ଓ ଶାଢ଼ି ଦେଲି। ସେମାନଙ୍କ ମୁହଁରେ ଯେଉଁ ଆନନ୍ଦର ଝଲକ ଦେଖିଥିଲି ତାହା ଭୁଲିହେବ ନାହିଁ। ବୋଉ ସଙ୍ଗେ ସଙ୍ଗେ ଶାଢିଟିକୁ ପିନ୍ଧିଦେଲା ଆଉ କହିଲା, 'ମୋ ପୁଅର ପ୍ରଥମ ଦରମାର ଶାଢିଟି ଖୁବ୍ ସୁନ୍ଦର ହୋଇଛି।' ସବୁ ଦାମିକା ଶାଢିକୁ ପଛକରି ଯେତେବେଳେ ସେହି ଶାଢିଟିକୁ ବୋଉ ସ୍ନେହରେ ଆଉଁଶି ଦିଏ, ମତେ ଲାଗେ ସେ ମତେ ହିଁ ଆଦରରେ ଆଉଁଶି ଦେଉଛି। ପ୍ରତିଥର ଶାଢ଼ିଟିକୁ ପିନ୍ଧିଲା ପରେ ବୋଉ କର୍ପୂର ଦେଇ ପୁଣି ଆଲମାରିରେ ତାକୁ ସାଇତି ରଖେ । ଆଜି ବି ପ୍ରଥମ ଦରମା ପାଇବାର ଆନନ୍ଦ କଥା ମନେପଡିଲେ ନିକିତିର ଗୋଟିଏ ପଟେ ଦିଶିଯାଏ ସେହି ଛୋଟ ପିଲାଟିର ଲୁହ ଭିଜା ଆଖି ଆଉ ଓଠରେ ବିଲୋଳ ହସ ଏବଂ ଆରପଟେ ବୋଉର ସେ ଶାଢ଼ିକୁ ପିନ୍ଧି ଆନନ୍ଦରେ ଗୋଡ଼ ତଳେ ଲାଗୁ ନ ଥିବାର ବିରଳ ଦୃଶ୍ୟ।

# ଲାଜୁଆ ହସକୁ ତେରଛା ଚାହାଣି, କେବେ ଆସିବ ମୋ ହୃଦୟ ରାଣୀ




**ପ୍ରଶ୍ନ**–ତା' ଲାଜୁଆ ହସ ମୋତେ ଘାଇଲା କରିଛି। ସେହି ସୁନ୍ଦରୀର ତେରଛା ଚାହାଣିରେ ମୁଁ ପାଗଳ। ହେଲେ ସେ କେବେ ମୋ ପାଖକୁ ଆସିବ କହିବେ କି ସାଥୀ ?

*–ଅମିୟ ଦାସ, ଅନୁଗୋଳ*

**ଉତ୍ତର:** ଆପଣ ବୋଧହୁଏ ଏ ପର୍ଯ୍ୟନ୍ତ ସ୍ୱପ୍ନ ରାଇଜରେ ଅଛନ୍ତି। ଭାବନାରୁ ନିଜକୁ ମୁକୁଳାଇ ବାସ୍ତବତାକୁ ଆସନ୍ତୁ। 'ଲାଜୁଆ ହସକୁ ତେରଛା ଚାହାଣି, କେବେ ଆସିବ ମୋ ହୃଦୟ ରାଣୀ'–ନିଜ ମନର ମାନସୀକୁ ନେଇ ଯଦି ଏମିତି ଖାଲି ଭାବିବେ ତେବେ ପ୍ରେମ ଇନିଂସ ଆରମ୍ଭ କରିପାରିବେ ତ ? ତେଣୁ ବାସ୍ତବରେ ଯଦି କୌଣସି ସୁନ୍ଦରୀର ଲାଜୁଆ ହସ ଆଉ ତେରଛା ଚାହାଣି ଆପଣଙ୍କୁ ଘାଇଲା କଲା, ତେବେ ଡେରି ନ କରି ତାକୁ ମନ କଥା ଖୋଲି କହି ଦିଅନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗ୍‌ନାଲ ମିଳିଗଲା ବାସ୍, ତା'ପରେ କେବଳ ପ୍ରେମର ରଙ୍ଗିନ ଦୁନିଆରେ ଉଡି ବୁଲିବେ।

**ପ୍ରଶ୍ନ**–ଯେତେ ବୁଝାଇଲେ ମଧ୍ୟ ମୋ ପ୍ରେମିକା ମୋତେ ବିଶ୍ୱାସ କରୁନି। କ'ଣ କରିବି ?

*–ରତନ ନାୟକ, ସୋନପୁର*

**ଉତ୍ତର:** ଯଦି ପ୍ରେମରେ ଅବିଶ୍ୱାସ ଭାଇରସ୍ ଥରେ ଏଣ୍ଟ୍ରି କରେ ତେବେ ତାହା ସ୍ୱାଦହୀନ ହୋଇଯାଏ। ଯଦି ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ପ୍ରେମିକା ଆପଣଙ୍କୁ ତାହାର ବିଶ୍ୱାସ ପରିସରକୁ ନେଉନି ତେବେ ସେଭଳି ପ୍ରେମକୁ ନେଇ ଆଗେଇବା ଅର୍ଥ ମରୀଚିକା ପଛରେ ଧାଇଁବା। ତେଣୁ ବିଳମ୍ବ ନ କରି ଏଭଳି ପ୍ରେମରେ ପୂର୍ଣ୍ଣଚ୍ଛେଦ ଟାଣିଦେଲେ କ୍ଷତି କ'ଣ ?

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଦେଖା ହେଲା। କେଇ ପଦ କଥାରେ ସେ ମୋ ପ୍ରେମରେ ପଡ଼ିଗଲା। 'ଆଇ ଲଭ ୟୁ' ମଧ୍ୟ କହିଲା। ହେଲେ ଏବେ ତା' ହାବଭାବ ମୋତେ କେମିତି କେମିତି ଲାଗୁଛି। ତାକୁ ନେଇ ନୂଆ ଦୁନିଆର ସ୍ୱପ୍ନ ଦେଖିବା ଠିକ୍ ହେବ ତ ?

*–ସନ୍ତୋଷ କୁମାର, ପରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଏହି ପ୍ରେମର ବାସ୍ନା କାହିଁକି କେମିତି କେମିତି ବାସୁଛି। ଦିନ ଥିଲା, ସେ ଆପଣଙ୍କ ସହ ଭାବ ଯୋଡିଥିଲା। ଏବେ ବୋଧହୁଏ ପାଣିପାଗ ବଦଳି ଯାଇଛି। ଯଦି ଏହି ପ୍ରେମରେ 'ନାହିଁ'ର ବାସ୍ନା ବେଶି ଅଛି ତେବେ ଏହାକୁ ନେଇ ଆଗକୁ ଆଗେଇବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ତେଣିକି ନିଷ୍ପତ୍ତି ଆପଣଙ୍କ ଉପରେ ନିର୍ଭର କରେ।

**ପ୍ରଶ୍ନ**–ପ୍ରେମ କରି କରି ବୋର୍ ହୋଇଗଲିଣି। ଏବେ କ'ଣ କଲେ ମନକୁ ଶାନ୍ତି ମିଳିବ ?

*–ଉତ୍ତମ କୁମାର, କେନ୍ଦ୍ରାପଡ଼ା*

**ଉତ୍ତର:** ପ୍ରେମ, ପୁଣି ବୋରିଂ ! ଆପଣଙ୍କ ପ୍ରେମରେ ବୋଧହୁଏ ଅବିଶ୍ୱାସ ବେଶି ବିଶ୍ୱାସ କମ୍ ରହିଛି। ନ ହେଲେ ପ୍ରେମ ପରି ରସଗୋଲା ଯିଏ ଥରେ ଖାଇଛି ତାକୁ ପୁଣି ବୋରିଂ ଲାଗୁଛି ? ବାସ୍, ଗେରୁଆ ବସ୍ତ୍ର ପିନ୍ଧି ନିଛାଟିଆ ସ୍ଥାନରେ କିଛି ସମୟ ସବୁ ଭୁଲି ଧ୍ୟାନରେ ବସିପଡ଼ନ୍ତୁ। ମନକୁ କେତେ ଶାନ୍ତି ଲାଗୁଛି ନିଜେ ଅନୁଭବ କରିପାରିବେ।

# ଦାମୀ ଛତା







**ବର୍ଷାର ସାଥୀ ଛତା। ତେବେ କିଛି ଛତା ଅଛି, ଯାହା ବର୍ଷାରୁ ସୁରକ୍ଷା ପ୍ରଦାନ କରିବା ସହ ଷ୍ଟାଟସ୍‌ର ପ୍ରତୀକ ସାଜିଥାଏ । କାରଣ ସେସବୁର ମୂଲ୍ୟ ହୋଇଥାଏ ଆକାଶଛୁଆଁ । ସେମିତି କିଛି ଦାମୀ ଛତା ସମ୍ପର୍କରେ...**

**ବିଲିୟନେର୍ କୁଚର୍‌ସ କ୍ରୋକୋଡାଇଲ୍ ସ୍କିନ୍ ଛତା–** ପ୍ରସିଦ୍ଧ ବିଲିୟନେର କୁଚର୍ କମ୍ପାନୀ ଦ୍ୱାରା ନିର୍ମିତ ଉକ୍ତ ଛତା ଉଚ୍ଚମାନର କଳା ରଙ୍ଗର ୱାଟର ରେଜିଷ୍ଟାଣ୍ଟ କୁମ୍ଭୀର ଚମଡାରେ ତିଆରି। ଏହାର ମୂଲ୍ୟ ହେଉଛି ୧୫୦୦୦ ଡଲାର।

**ବ୍ରିଲାଣ୍ଟି ଲକ୍ସସ୍ ସ୍କ୍ରିମ୍ କ୍ରକ୍ ଛତା–** ଏହି ଛତାର କପଡାଟି ପିୟୋର୍ ସିଲ୍କରେ ତିଆରି। ହ୍ୟାଣ୍ଡେଲରେ କଳା ଓ ବାଦାମୀ ରଙ୍ଗର କୁମ୍ଭୀର ଚମଡାର ଆବରଣ ରହିଛି। ଛତାର ମୂଲ୍ୟ ହେଉଛି ୧୬୩୦ ଡଲାର।

**ସ୍ୱେନ୍ ଅଡେନି ବ୍ରିଗ୍ ମେନ୍‌ର ମଲାକା ଫ୍ଲାସ୍କ ଛତା–** ବ୍ରିଟିଶ କମ୍ପାନୀ ସ୍ୱେନ୍ ଅଡେନିର ଏହି ଛତାର ପ୍ରବଳ ପବନ ଓ ବର୍ଷା ସହିବାର କ୍ଷମତା ରହିଛି। ଏହାର ହ୍ୟାଣ୍ଡେଲ ଓଭେନ୍ ସିଲ୍କରେ ତିଆରି। କଳାରଙ୍ଗର ଏହି ଛତାରେ ରୟାଲ୍ କଲାର ୱାରେଣ୍ଟ ରହିଛି, ଯାହାକି ରୁପାରେ ତିଆରି। ଉକ୍ତ ଛତାର ମୂଲ୍ୟ ୧୨୭୦ ଡଲାର।

**ସ୍କିର୍ମ ଓଏରଟେଲ୍ ବ୍ରିଗ୍ ଚେରି ରିଅଲ୍ ସିଲ୍କ ଛତା–** ଏହି ଛତାର କପଡା ବି ପିୟୋର୍ ସିଲ୍କରେ ତିଆରି। ଫ୍ରେମ୍‌ଟି ଉଚ୍ଚମାନର ଷ୍ଟିଲରେ ନିର୍ମିତ। ଏହାର ହ୍ୟାଣ୍ଡେଲରେ ଷ୍ଟର୍ଲିଂ ସିଲ୍‌ଭର୍‌ର ରୟାଲ୍ ୱାରେଣ୍ଟ କଲାର୍ ହଲ୍‌ମାର୍କ ରହିଛି। ପ୍ରିନ୍ସ ଅଫ୍ ୱେଲ୍ସଙ୍କ ଚିହ୍ନ ରହିଛି। ଏହାର ମୂଲ୍ୟ ହେଉଛି ୯୨୦ ଡଲାର।

**ବରବରୀ ନୁବକ୍ ଅଷ୍ଟ୍ରିଚ୍ ହ୍ୟାଣ୍ଡଲ ଛତା–** ଗାଢ଼ ନୀଳ ରଙ୍ଗର ଏହି ଛତାର କପଡ଼ା କଟନ ଓ ପଲିଷ୍ଟର ମିଶ୍ରିତ ଅଟେ। ଆଉ ହ୍ୟାଣ୍ଡେଲରେ ଅଷ୍ଟ୍ରିଚ୍ ବା ଓଟପକ୍ଷୀର ଚମଡାର ଆବରଣ ରହିଛି। ଏହି ଛତାର ଷ୍ଟିଚିଂ ବି ଖାସ୍ ଅଟେ। ପୁସ୍ ବଟନ ଓ ପ୍ରେସ୍ ଷ୍ଟଡ ଟ୍ୟାବ କ୍ଲୋଜର୍‌ରେ ବି ଓଟପକ୍ଷୀ ଚମଡାର ଆବରଣ କରାଯାଇଛି। ଏହାର ମୂଲ୍ୟ ହେଉଛି ୮୫୦ ଡଲାର।

**ମାରିଓ ଟାଲାରିକୋ ହର୍ନ ଇଗଲ୍ ଛତା–** ଇଟାଲିର ନାପଲ୍ସରେ ନିର୍ମିତ ଉକ୍ତ ଛତାର ବେଣ୍ଟ ଛଞ୍ଚାଣର ମୁଣ୍ଡ ଭଳି ହୋଇଥାଏ। ଏହା ପଲିସ୍‌ଡ ବୋନ୍‌ରେ ନିର୍ମିତ। ଏହାର ମୂଲ୍ୟ ୬୫୦ ଡଲାର।

**ଆଲେକଜାଣ୍ଡର ମାକ୍‌କୁଇନ୍ ସ୍କଲ ହ୍ୟାଣ୍ଡେଲ ଛତା–** ଏହି ବ୍ରାଣ୍ଡର ଛତା ସାରା ପୃଥିବୀରେ ପରିଚିତ। ଏହା ଷ୍ଟାଇଲିଶ୍ ହେବା ସହ ଭଲ କ୍ୱାଲିଟିର ଅଟେ। କଳା ଓ ବାଇଗଣୀ ରଙ୍ଗରେ ଆସୁଥିବା ଉକ୍ତ ଛତାର ବେଣ୍ଟରେ ଖପୁରି ଚିହ୍ନ ଥାଏ। ଏହାର ମୂଲ୍ୟ ୫୬୫ ଡଲାର।

**ସ୍ୱରଭୋସ୍କି କ୍ରିଷ୍ଟାଲ ଖଚିତ ପସୋତି ଇଟାଲୀୟ ଛତା–** ଇଟାଲିର ଏର୍ନେଷ୍ଟୋ ପସୋତି ହେଉଛନ୍ତି ଏହି ଦାମୀ ବ୍ରାଣ୍ଡ ଛତା କମ୍ପାନୀର ପ୍ରତିଷ୍ଠାତା। ଏଠାରେ ସବୁଠାରୁ ଫାଇନ୍ ଇଟାଲୀୟ ଫ୍ୟାବ୍ରିକ୍, କାଠ ଓ ପିତ୍ତଳରେ ସୁନ୍ଦର ହାତ ତିଆରି ଛତା କରାଯାଏ। ତେବେ ଏହି ଛତା, ଯାହାର ମୂଲ୍ୟ ୩୬୦ ଡଲାର। ଏଥିରେ ଉଚ୍ଚମାନର ଇଟାଲୀୟ କପଡ଼ା ବ୍ୟବହାର ହୋଇଛି। ତା'ସହ କପଡା ଓ ହ୍ୟାଣ୍ଡେଲକୁ ସ୍ୱରଭୋସ୍କି କ୍ରିଷ୍ଟାଲରେ ସଜାଯାଇଛି। ଯଦ୍ୱାରା ଛତାଟି ଲାଗେ ବେଶ୍ ଆକର୍ଷକ।








## ମଡେଲ ମିରର୍



ଅଙ୍କିତା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ– କୁମାର ଶରତ (ଧରିତ୍ରୀ)**

## ହାଃ ହାଃ

### ବାହାଘର

ରାଜେଶ ପିଣ୍ଟୁକୁ– ମୁଁ ଆଉ ମୋ ଗର୍ଲଫ୍ରେଣ୍ଡ ବାହା ହେଉଛୁ।
ପିଣ୍ଟୁ– କଙ୍ଗ୍ରାଚୁଲେସନ୍ସ। କେବେ ହେଉଛି।
ରାଜେଶ– ମୋର ଅକ୍ଟୋବର ୨୮ ଓ ମୋ ଗର୍ଲଫ୍ରେଣ୍ଡର ନଭେମ୍ବର ୨୬।

### ଓଜନ କମେଇବି

ମହିଳା ଡାକ୍ତରଙ୍କୁ– ଆଜ୍ଞା, ମୁଁ ମୋ ଓଜନ କେମିତି କମେଇବି ?
ଡାକ୍ତର– ନିଜ ବେକକୁ ବାମ ଡାହାଣ ବୁଲାଇ।
ମହିଳା–କେତେବେଳେ ?
ଡାକ୍ତର–ଯେତେବେଳେ କେହି ଖାଇବାକୁ ପଚାରିବେ।

### ଗୁପ୍‌ଚୁପ୍

ସ୍ୱାମୀ, ସ୍ତ୍ରୀ ଗୋଟିଏ ପ୍ଲେଟରେ ଗୁପ୍‌ଚୁପ୍ ଖାଉଥିଲେ। ସ୍ୱାମୀ ସ୍ତ୍ରୀଙ୍କୁ ଚାହିଁ ଥାଆନ୍ତି। ଏହା ଦେଖି ସ୍ତ୍ରୀ ରୋମାଣ୍ଟିକ୍ ହେଇ– ହେଇଟି, କ'ଣ ଏମିତି ଚାହିଁ ରହିଛ ?
ସ୍ୱାମୀ– ଟିକେ ଧୀରେ ଖାଅ। ଏଯାଏଁ ମୋ ଭାଗରେ କିଛି ପଡିନି।

# ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ
# ଅଲୁଭା











କେରଳର କୋଚିସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଅଲୁଭା। ସ୍ଥାନୀୟ ଅଞ୍ଚଳରେ ପ୍ରବାହିତ ହେଉଥିବା ପ୍ରସିଦ୍ଧ ପେରିୟାର୍ ନାମକ ନଦୀଠାରୁ ଏହା ପ୍ରାୟ ୧୫ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ଅଲୁଭାକୁ କେରଳର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବେ ମଧ୍ୟ ବିବେଚନା କରାଯାଇଥାଏ। ସେହିପରି ଏଠାରେ ଅନେକ ଲୋକପ୍ରିୟ ଦର୍ଶନୀୟ ସ୍ଥାନମାନ ବି ରହିଛି। ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟୁଛି।

## କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅଲୁଭା ଯିବା ପାଇଁ ସେପ୍ଟେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ।

## କେମିତି ଯିବେ

ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବେଶ୍ ଭଲ ସୁବିଧା ରହିଛି। କୋଚିନ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା ଅଲୁଭାଠାରୁ ପ୍ରାୟ ୧୫ କି.ମି. ଦୂରରେ ଅବସ୍ଥିତ। ସେହିପରି ଅଲୁଭା ରେଳଷ୍ଟେଶନ ହେଉଛି ସ୍ଥାନୀୟ ଏକ ପ୍ରମୁଖ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ପହଞ୍ଚି ପାରିବେ।

## କ'ଣ ଦେଖିବେ

ଅଲୁଭାରେ ମୁଖ୍ୟତଃ ଶିବରାତ୍ରି ଉତ୍ସବକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। କାରଣ ଏଠାରେ ରହିଛି ଅଲୁଭା ମହାଦେବ ମନ୍ଦିର ନାମରେ ଏକ ଲୋକପ୍ରିୟ ଶୈବପୀଠ। ଉକ୍ତ ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ହେଉଛନ୍ତି ସ୍ୱୟଂମ୍ଭୁ ଓ ଖୁବ୍ ପ୍ରତ୍ୟକ୍ଷ। ଅଲୁଭା ମହାଦେବ ମନ୍ଦିର ବ୍ୟତୀତ ଏଠାକାର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକ ଚିରକ୍କାଡ଼ା ମନ୍ଦିର, ଥିରୁଭାଲୁର ଶ୍ରୀ ମହାଦେବ ମନ୍ଦିର, କଡୁଙ୍ଗାଲୁର୍ ଶ୍ରୀ ନରସିମ୍ହା ସ୍ୱାମୀ ମନ୍ଦିର, ଦେଶୋମ ଶ୍ରୀ ପଲ୍ଲିପ୍ପାଙ୍କୁନାଭୁ ଭଗବତୀ ମନ୍ଦିର, ଦେଶୋମ ଶ୍ରୀ ଅନଥାପୁରମ୍ ମହାବିଷ୍ଣୁ ମନ୍ଦିର, ଦେଶୋମ ଶ୍ରୀ ଧତ୍‌ହା ଅଞ୍ଜନେୟ ମନ୍ଦିର, ଶ୍ରୀକ୍ରିଷ୍ଣା ମନ୍ଦିର, ଉଲିୟାନୁର ଶ୍ରୀ ମହାଦେବ ମନ୍ଦିର, ପୋଙ୍ଗଚିରା ଶ୍ରୀକ୍ରିଷ୍ଣା ମନ୍ଦିର, ଥେଭାରକାଡୁ ଶ୍ରୀ ମହାବିଷ୍ଣୁ ଦୁର୍ଗା ମନ୍ଦିର, ଥିରୁଭୈରାନିକୁଲମ୍ ଶ୍ରୀ ମହାଦେବ ମନ୍ଦିର ଇତ୍ୟାଦି ଧର୍ମସ୍ଥଳୀ ଦେଖିବାକୁ ପାଇପାରିବେ। ଏସବୁ ବ୍ୟତୀତ ମ୍ୟୁନିସିପାଲ୍ ପାର୍କ, ଅଦ୍ୱୈତ ଆଶ୍ରମ, ମାର୍ ଭାର୍ଗିଶୀ ପାୟାପ୍ପିଲି ପାଲାକ୍କାପ୍ପିଲି ମ୍ୟୁଜିୟମ୍ ଇତ୍ୟାଦି ହେଉଛି ଏଠାକାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ସେହିପରି ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଚର୍ଚ୍ଚ ଓ ମସ୍‌ଜିଦ୍‌କୁ ମଧ୍ୟ ବୁଲି ଦେଖିପାରିବେ।

## ପେରିୟାର୍ ନଦୀର ଆକର୍ଷଣ

ସ୍ଥାନୀୟ ଅଞ୍ଚଳରେ ପ୍ରବାହିତ ହେଉଥିବା ପେରିୟାର୍ ନଦୀର ଆକର୍ଷଣ ହିଁ କିଛି ନିଆରା। ଯେଉଁଥିପାଇଁ ଅନେକ ମାଲାୟାଲମ୍ ଚଳଚ୍ଚିତ୍ରରେ ଏହି ପେରିୟାର୍ ନଦୀର ସାମାନ୍ୟ ଝଲକ ମଧ୍ୟ ଦେଖିବାକୁ ମିଳିଥାଏ। ଶାନ୍ତ, ସ୍ନିଗ୍ଧ ଏଠାକାର ବାତାବରଣ ପାଇଁ ପର୍ଯ୍ୟଟକ ଏହି ନଦୀ ନିକଟକୁ ଆସି କିଛି ସମୟ ବିତାଇବାକୁ ଇଚ୍ଛା କରିଥାନ୍ତି।







# ଲ୍ୟୁକୋଡର୍ମା କଣ୍ଢେଇ





ଭିଟିଲିଗୋ ବା ଲ୍ୟୁକୋଡର୍ମା, ଏକ ଏଭଳି ଚର୍ମରୋଗ ଯେଉଁଥିରେ ଚର୍ମର କିଛି କିଛି ଭାଗର ପିଗମେଣ୍ଟ ବା ବର୍ଣ୍ଣ କୋଷିକା ମୃତ କିମ୍ବା କାର୍ଯ୍ୟ କରିବାରେ ଅସମର୍ଥ ହୋଇ ଧଳା ଧଳା ଚିହ୍ନ ହୋଇଯାଏ। ଏଭଳି ହେବାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ହେଲେ ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସମାଜ ଏକ ଭିନ୍ନ ଦୃଷ୍ଟିରେ ଦେଖିଥାଏ। ବ୍ରାଜିଲର ୬୪ ବର୍ଷୀୟ ଜୋଆଓ ଷ୍ଟାଙ୍ଗନେଲି ମଧ୍ୟ ଏହି ରୋଗରେ ଆକ୍ରାନ୍ତ। ସେ ଚାକିରିରୁ ଅବସର ନେବା ପରେ କିଛି ହବି ଆପଣେଇ ସମୟ ଅତିବାହିତ କରିବାକୁ ଚାହିଁଲେ। ଆଉ ସେ ଉଲ୍ ଓ କ୍ରୁସ୍‌ରେ ବୁଣାବୁଣି ଆରମ୍ଭ କଲେ। ଯଦିଓ ପ୍ରଥମେ ଏହା କଷ୍ଟ ଅନୁଭବ ହୋଇଥିଲା, ପରେ ସେ ଏହାର ପ୍ରେମରେ ପଡ଼ିଗଲେ। ଆଉ କ୍ରୁସ୍‌ବୁଣା କଣ୍ଢେଇ ତିଆରି କରିବାକୁ ଲାଗିଲେ। ପ୍ରଥମ କଣ୍ଢେଇଟି ସେ ନିଜ ନାତୁଣୀକୁ ଦେବା ପାଇଁ ତିଆରି କରିଥିଲେ। ଆଉ ତାକୁ ଖାସ୍ କରିବା ପାଇଁ କଣ୍ଢେଇକୁ ନିଜ ଭଳି ଲ୍ୟୁକୋଡର୍ମାରେ ଆକ୍ରାନ୍ତ ଲୁକ୍ ଦେଲେ। ଯେଉଁଥିରେ ଧଳା ପ୍ୟାଚ୍ ଥିଲା। ଏହାପରେ ସେ ଏଭଳି ଅନେକ କଣ୍ଢେଇ ତିଆରି କଲେ। ଉଦ୍ଦେଶ୍ୟ ଥିଲା ଏହି ରୋଗରେ ଆକ୍ରାନ୍ତ ପିଲାମାନେ ଏଭଳି କଣ୍ଢେଇ ଦେଖି ଖୁସି ହେବେ ଓ ନିଜ ସ୍ଥିତିକୁ ନେଇ ମନ ଦୁଃଖ କରିବେ ନାହିଁ। ଏବେ ତାଙ୍କର ଏହି କଣ୍ଢେଇର ଅନଲାଇନ୍‌ରେ ବହୁତ ଡିମାଣ୍ଡ ଅଛି। ଜୋଆଓ ଏବେ କେବଳ ଲ୍ୟୁକୋଡର୍ମା କଣ୍ଢେଇ ତିଆରି କରୁ ନାହାନ୍ତି ବରଂ ହ୍ୱିଲଚେୟାରରେ ବସିଥିବା କଣ୍ଢେଇ ଏବଂ ବିଭିନ୍ନ ଶାରୀରିକ ଅକ୍ଷମ ଥିବା କଣ୍ଢେଇ ବି ତିଆରି କରୁଛନ୍ତି।






## କାର୍ଟୁନ କର୍ନର



# ପେଁକାଳିର ସରିତା



ବାସନ୍ତୀ

'ମୋ ପେଁକାଳି ବଜେଇ ଦେ' ନାଟକ ଦେଖିଥିବା ଦର୍ଶକ ଖୁବଶୀଘ୍ର ମନେ ପକେଇ ପାରିବେ ସରିତା ଚରିତ୍ରଟିକୁ। ମିତାର ଭାଉଜ। ମିତାର ବଡ଼ଭାଇ ଚିନ୍ମୟ ଜଗଦ୍ଦେବର ସ୍ତ୍ରୀ। ଚିନ୍ମୟ, ମିତା ତଥା ରାଜାସାହେବଙ୍କ ଭୂମିକାକୁ ବାଦଦେଲେ ଆଉ ଯେଉଁ ଚରିତ୍ରଟିକୁ ଏହି ନାଟକରେ ଗୁରୁତ୍ୱ ଦିଆଯାଏ ତାହା ହେଉଛି ସରିତା ଚରିତ୍ର। ଭଉଣୀ ସ୍ନେହରେ ଅନ୍ଧ ହେଇ ବୁଲୁଥିବା ଗୋଟେ ଭାଇର ସ୍ତ୍ରୀ ହେବା କିଛି କମ୍‌କଥା ନ ଥିଲା। ଆଉ ସେହି ଚରିତ୍ରଟିକୁ ବେଶ ସଫଳତାର ସହିତ ତୁଲାଇଥିଲେ ଓଡ଼ିଆ ଯାତ୍ରାଜଗତର ଆଗଧାଡ଼ିର ଅଭିନେତ୍ରୀ ବାସନ୍ତୀ ବାରେକ। ଜଗତ୍‌ସିଂହପୁରର ପଞ୍ଚପଲ୍ଲୀରେ ଜନ୍ମଗ୍ରହଣ କରିଥିବା ବାସନ୍ତୀ ୧୯୯୨ ମସିହାରେ ଯୋଗଦେଇଥିଲେ 'ଶିବାନୀ ଗଣନାଟ୍ୟ'ରେ। ସେ ଯାତ୍ରାକୁ ଆସନ୍ତୁ ବୋଲି ବାପା ଚାହୁଁ ନ ଥିଲେ। ତେବେ ମା' ତାଙ୍କୁ ମନାକରିପାରି ନ ଥିଲେ ଯାତ୍ରାକୁ ଆସିବା ପାଇଁ। ଯାତ୍ରା ପ୍ରତି ପିଲାଟି ବେଳରୁ ରୁଚି ଥିଲା। ସ୍କୁଲ ଡ୍ରାମାରେ ଅଭିନୟ କରି ପ୍ରଶଂସା ଗୋଟେଇଥିଲେ। ତେଣୁ ଚାଲିଆସିଲେ ଯାତ୍ରାକୁ। ଡ୍ୟାନ୍ସର ଭାବରେ ଯୋଗଦେଲେ। ସେ ଯାତ୍ରାକୁ ପଳେଇଛନ୍ତି ବୋଲି ଜାଣିବା ପରେ ବାପା ତାଙ୍କ ମା'ଙ୍କୁ କହିଥିଲେ, 'ତୁ ତାକୁ ଯାତ୍ରାକୁ ପଠେଇଛୁ। ତୁ ଯାଇ ତାକୁ ନେଇଆ।' ହେଲେ ଯାତ୍ରାପାର୍ଟିର ମାଲିକ ତାଙ୍କୁ ବୁଝେଇବାରୁ ବାସନ୍ତୀ ଯାତ୍ରାରେ ରହିଲେ। ଡ୍ୟାନ୍ସର ଭାବରେ ଯୋଗଦେଇଥିଲେ ସିନା, ମାତ୍ର ସୌଭାଗ୍ୟକୁ ଜଣେ ଲେଡି କଳାକାର ପାର୍ଟି ଛାଡ଼ିଦେଲେ। ଉଚ୍ଚତା ସାଙ୍ଗକୁ ଅଭିନେତ୍ରୀ ହେବାର ଚେହେରା ମଧ୍ୟ ରହିଥିଲା ବାସନ୍ତୀଙ୍କର। ତେଣୁ ସେ ଅଭିନେତ୍ରୀ ଭାବରେ ମଞ୍ଚକୁ ଆସିଲେ। ଇତିମଧ୍ୟରେ ସେ ଯାତ୍ରାର ବହୁ ପଥ ଅତିକ୍ରମ କରି ସାରିଲେଣି। 'ତୁଳସୀ', 'ଧଉଳି', 'କଳିଙ୍ଗ', 'ତ୍ରିରଙ୍ଗା', 'ପାର୍ବତୀ', 'ତ୍ରିନାଥ' ଆଦି ନାଟ୍ୟାନୁଷ୍ଠାନରେ ସଫଳତାର ସହିତ ଅଭିନୟ କରି ଏବେ ଆସି ପହଞ୍ଚିଛନ୍ତି ଯାତ୍ରା 'ମାୟାନଗରୀ'ରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ବାଜେ ଝିଅକୁ ବାହା ହେବିନି', 'ମୋ ପେଁକାଳି ବଜେଇ ଦେ', 'କନିଆଁ ଯାଉଛି କାଞ୍ଚନପୁର', 'ନିଜେ ପୋଛିଦେଲି ନିଜ ସିନ୍ଦୂର', 'ଦେଖାହବ ଆର ଜନମରେ', 'ଓଢ଼ଣି ଖୋଲିବୁ ଧୀରେ ଧୀରେ', 'ବାଃ ବାଃରେ ଆମେରିକା', 'ରାତିର ରାଣୀ' ଏବଂ ଆହୁରି ଅନେକ। ଚଳିତବର୍ଷ ଯାତ୍ରା 'ମାୟାନଗରୀ'ରେ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ନିଜ ନିଜର ରାମାୟଣ', 'କଥାଦିଅ ମୋତେ କରିବନି ପର', 'ଦେଲେ ଧରା କଥା ସରେ'। 'ମୋ ପେଁକାଳି ବଜେଇ ଦେ' ନାଟକରେ ରାଜା ବିକ୍ରମ କେଶରୀ ଜଗଦ୍ଦେବ ଓରଫ ରାଜା ସାହେବ ଭୂମିକାରେ ଅଭିନୟ କରୁଥିଲେ ଲୋକପ୍ରିୟ ଅଭିନେତା ବୈକୁଣ୍ଠ ବାରେକ। ତାଙ୍କୁ ହିଁ ଜୀବନସାଥୀ ଭାବରେ ଚୟନ କରିଥିଲେ ବାସନ୍ତୀ। ଏବେ ଏହି ଯୋଡ଼ି ବୈକୁଣ୍ଠ-ବାସନ୍ତୀ ଭାବରେ ପରିଚିତ।

# ଦିନେ ଯାତ୍ରା ଦେଖୁ ନ ଥିଲେ, ଏବେ ଯାତ୍ରା କଳାକାର

ଓଡ଼ିଆ ଯାତ୍ରା ଜଗତର ଜଣେ ଆଗଧାଡ଼ିର ଯୁବ କଳାକାର ହେଉଛନ୍ତି ଅରୁଣ କୁମାର ଲେଙ୍କା। ଲୋକପ୍ରିୟ ନାଟକ 'ଗୁପ୍ତ ସମ୍ପର୍କ'ରେ ଜନଜାତି ଚରିତ୍ରରେ ଅଭିନୟ କରି ସେ ଲୋକଲୋଚନକୁ ଆସିଥିଲେ। ନାଟକର ବଡ଼ଭାଇ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିଥିଲେ ଅରୁଣ। ଢେଙ୍କାନାଳ ଜିଲାର ସରଦେଈପୁର ଗାଁରେ ଜୟକୃଷ୍ଣ ଲେଙ୍କା ଏବଂ ଅମୂଲ୍ୟ ଲେଙ୍କାଙ୍କ କୋଳରେ ଜନ୍ମଗ୍ରହଣ କରିଥିବା ଅରୁଣ ୧୯୯୭ ମସିହାରେ ଆସିଲେ ଯାତ୍ରାକୁ। ତେବେ ଯାତ୍ରାକୁ ଆସିବା ନେଇ ତାଙ୍କର କୌଣସି ଯୋଜନା ନ ଥିଲା। ଏପରି କି ନା ସେ ଯାତ୍ରା କରିଥିଲେ ନା ଯାତ୍ରା ଦେଖୁଥିଲେ। ଓଲଟି ଯେତେବେଳେ ସାଙ୍ଗମାନେ କହୁଥିଲେ, ଚାଲ ଅମୁକ ଜାଗାରେ ଯାତ୍ରା ହେଉଛି ଦେଖିବାକୁ ଯିବା ସେତେବେଳେ ସେ ହସି ଉଡ଼େଇ ଦେଉଥିଲେ। କହୁଥିଲେ ରାତିରେ ନ ଶୋଇ କିଏ ଯିବ ଯାତ୍ରା ଦେଖିବାକୁ। ମାତ୍ର ଭାଗ୍ୟ ତାଙ୍କୁ ଯାତ୍ରାକୁ ଆଣିବା ପାଇଁ ହିଁ ଯୋଜନା କରିଥିଲା। ସେଥିଲାଗି ଗୋଟେ ଝୁଙ୍କ୍‌ରେ ଅରୁଣ ଆସି ଯୋଗଦେଲେ ଭାରତ ଗଣନାଟ୍ୟରେ। ତେବେ ଯାତ୍ରାକୁ ଆସିବା ପରେ ଆରମ୍ଭ ହେଲା ତାଙ୍କର ଅସଲ ସଂଘର୍ଷ। ପାର୍ଟ ତ ମିଳିଲା ନାହିଁ; ସେ ପାର୍ଟିର ପେଟି, ଚେୟାର ବୋହି ନିଜର ଗୁଜୁରାଣ ମେଣ୍ଟେଇଲେ। କଦବା କ୍ୱଚିତ ଗୁଣ୍ଡା ହୋଇ ନ ହେଲେ କନ୍‌ଷ୍ଟେବଳ ହେଇ ମଞ୍ଚକୁ ଯିବାର ସୁଯୋଗ ମିଳୁଥିଲା। ସେଥିରେ ପୁଣି ନା ଥିଲା ଡାଏଲଗ ନା ଥିଲା ଆକ୍ଟିଂ। କେବଳ ପୋଷାକ ପିନ୍ଧି ମଞ୍ଚକୁ ଯିବା ଆଉ ଆସିବା। ଏମିତିରେ ଗୋଟିଏ ବର୍ଷ ବିତିଲା। ସେ ଭାରତ ଗଣନାଟ୍ୟ ଛାଡ଼ି ଜଗଦ୍ଧାତ୍ରୀ ଗଣନାଟ୍ୟରେ ଯୋଗଦେଲେ। ଏଇ ଜଗଦ୍ଧାତ୍ରୀରେ ହିଁ ସେ ଜଣେ ଆକ୍ଟର ଭାବରେ ଯୋଗଦେଲେ। ଅନୁଷ୍ଠାନର ନାଟକ ମାଣିକ, ମହାପାତ୍ର ଘର ବଡ଼ବୋହୂ, ଅଗଷ୍ଟ ପନ୍ଦର ଭାରତ ବନ୍ଦ ଆଦି ନାଟକରେ ତାଙ୍କୁ ରୋଲ୍ ମିଳିଲା। ଭଲ ଚେହେରା ସାଙ୍ଗକୁ ମୁଣ୍ଡରେ ମେଞ୍ଚେ ଚୁଟି ରଖିଥିଲେ। ତେଣୁ ତାଙ୍କୁ ନେଗେଟିଭ୍ ଭୂମିକା ପାଇଁ ବଛାଗଲା। ଆଉ ତାହା ବି ତାଙ୍କର ପସନ୍ଦ ଥିଲା। ଇତିମଧ୍ୟରେ ସେ ଯାତ୍ରାରେ ୨୨ବର୍ଷ ଅତିକ୍ରାନ୍ତ କରି ସାରିଲେଣି। ଦୁର୍ଗାଶ୍ରୀ, ତାରପୁର ଅପେରା, ଉତ୍ତରାୟଣୀ ଅପେରା ସାତଶଙ୍ଖ, ଶିବମ୍ ଗଣନାଟ୍ୟ, ଅପେରା ମା' ତାରିଣୀ, ଚିନ୍ମୟୀ ଗଣନାଟ୍ୟ, ବାଣେଶ୍ୱରୀ ଆଦି ଅନୁଷ୍ଠାନରେ ଅଭିନୟ କରି ଏବେ ତିନିବର୍ଷ ଧରି ଯାତ୍ରାଶ୍ରୀ ବିଶ୍ୱଦରବାରରେ ନିଜର ଅଭିନୟ ଜାରି ରଖିଛନ୍ତି। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ଓଏମ୍‌ପି ଛକରେ ଝିଅଟି କିଏ, ନାଲି ସୁଇଟର ନେପାଳି ଝିଅ, ଗୋଲାପି ଦିଦି, କହିବାକୁ ମୋତେ ଲାଜ ଲାଗୁଛି, ଚନ୍ଦ୍ରମଣି ତୁ ମରିଯା, ମିଛ କହିବାକୁ କିଆଁ ଡରିବି, ଦୁନିଆ କହିବ କିଏ ମୋ ସ୍ୱାମୀ, ଗୁପ୍ତ ସମ୍ପର୍କ, ଆକାଶ କଇଁଆ ଚିଲିକା ମାଛ, ତମ କଥା ଭାରି ମନେପଡୁଛି ଏବଂ ଆହୁରି ଅନେକ। ଗୋଟେ ସମୟରେ ସେ ଯାତ୍ରାକୁ ଆସିବା କଥା ଘରେ ଜାଣି ନ ଥିଲେ। ଜାଣିବା ପରେ ମନଉଣା ବି କରିଥିଲେ। ହେଲେ ଏବେ ତାଙ୍କୁ ନେଇ ପରିବାର ବେଶ ଖୁସି। ବାପା ଓ ମା'ଙ୍କ ଆଶୀର୍ବାଦ ତଥା ପତ୍ନୀ ସବିତା ଲେଙ୍କାଙ୍କ ପ୍ରେରଣା ତାଙ୍କୁ ଆଗକୁ ଆଗେଇଯିବାରେ ସହାୟକ ହେଉଛି ବୋଲି କହନ୍ତି ଏହି ଅଭିନେତା।



ଅରୁଣ

# ଗଛ ପାଲଟୁଛି ଆସବାବ



କିଏ ଗଛ ଲଗାଏ ଫଳ ଖାଇବା ପାଇଁ। ପୁଣି କିଏ ଗଛ ଲଗାଏ ଛାଇ ଟିକେ ପାଇବା ପାଇଁ। ତେବେ ଗ୍ୟାଭିନ୍ ମୁନ୍‌ରୋ ଏବଂ ଆଲାଇସ୍ ମୁନ୍‌ରୋ ଗଛ ଲଗାଉଛନ୍ତି ଗଛକୁ ଭିନ୍ନଭିନ୍ନ ଆକୃତି ଦେବା ପାଇଁ। ତାହା ପୁଣି ଚେୟାର, ଟେବୁଲ ଆଉ ଖଟର ଆକାର। ସେଥିଲାଗି ସେମାନେ ଦୁଇ ଏକର ଜାଗାରେ ଗଛ ଲଗେଇବା ଆରମ୍ଭ କରିଦେଇଛନ୍ତି। ସେତିକିନୁହେଁ, ଗଛ ସବୁ ବଢ଼ିବା ଆରମ୍ଭ କରୁ କରୁ ତାହାକୁ ଚେୟାର, ଟେବୁଲ, ବେଞ୍ଚ, ଖଟ ଭଳି ବଢ଼ାଉଛନ୍ତି। ସେସବୁର ଆକାରରେ ଗଛଗୁଡ଼ିକ ଯେପରି ବଢ଼ିପାରିବ ଆଉ ଏକାଧିକ ଗଛକୁ ମିଶାଇ ଯେମିତି ଗୋଟିଏ ଆସବାବ କରାଯାଇପାରିବ ତାହାର ବ୍ୟବସ୍ଥା କରୁଛନ୍ତି। ଗ୍ୟାଭିନ୍ ଓ ଆଲାଇସ୍‌ଙ୍କ କହିବା ଅନୁଯାୟୀ, ବର୍ତ୍ତମାନର ବିଶ୍ୱ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟ ଦେଇ ଗତି କରୁଛି। ଗ୍ରୀନ୍ ହାଉସ୍ ଗ୍ୟାସ ଆମର ବାୟୁମଣ୍ଡଳକୁ କବଳିତ କରିସାରିଲାଣି। ଏଭଳି ପରିପ୍ରେକ୍ଷୀରେ କେହି ଯଦି ଜୀବ ଜଗତକୁ ବଞ୍ଚାଇପାରେ ତା'ହେଲେ ତାହା ହେଉଛି ଗଛ। ତେଣୁ ଗଛକୁ କାଟି ସେଥିରୁ ଟେବୁଲ, ଚେୟାର, ଖଟ ଆଦି କରିବା ହେଉଛି ସବୁଠାରୁ ବୋକାମୀ। ନିଜର ସୁଖ ପାଇଁ ଗୋଟିଏ ୬୦ବର୍ଷର ଗଛକୁ ମାରିଦବାର କିଛି ମାନେ ନ ଥାଏ। ସେଥିଲାଗି ସେମାନଙ୍କର ଏହି ଅଭିଯାନ। ଦୁଇତିନୋଟି ଗଛ ମିଶିଗଲେ ହୋଇଯିବ ଗୋଟିଏ ଚେୟାର। ମୁକ୍ତବାୟୁ ମଣ୍ଡଳରେ ସେ ଚେୟାର ରହିବ। ଚେୟାର ହେଇ ବି ଅମ୍ଳଜାନ ଯୋଗାଇବ। ବିଶ୍ୱକୁ ସଚେତନ କରିବା ପାଇଁ ତାଙ୍କର ଏହି ପ୍ରୟାସ ଆରମ୍ଭ ବୋଲି କହିଛନ୍ତି ବ୍ରିଟେନ୍‌ର ଏହି ଦମ୍ପତି।

# କୁକୁଡ଼ାଙ୍କ ପାଇଁ ସ୍ୱେଟର

ପାଖେଇ ଆସିଲାଣି ଋତୁ। ଏହି ଋତୁରେ ମଣିଷ ତ ସ୍ୱେଟର ପିନ୍ଧି ପ୍ରବଳ ଥଣ୍ଡାରୁ ରକ୍ଷା ପାଇଯାଆନ୍ତି। କେବେ ଭାବିଛନ୍ତି ଘରେ ଥିବା ପେଟ୍ ବା ପୋଷା ଜୀବଜନ୍ତୁଙ୍କୁ କିଭଳି ସୁରକ୍ଷା ଦେବେ। ବ୍ରିଟିଶ କଲମ୍ବିଆରେ ରହୁଥିବା ମୌରିନ୍ ସ୍କିମ୍‌ଡଙ୍କ ମା' ଏହି କଥା ଚିନ୍ତା କରି ଘରେ ଥିବା କୁକୁଡ଼ାଙ୍କ ପାଇଁ ତିଆରି କରିଛନ୍ତି ସ୍ୱେଟର। ଏହି ରଙ୍ଗ ବେରଙ୍ଗର ସ୍ୱେଟର ପିନ୍ଧି କୁକୁଡ଼ା ଶୀତରୁ ରକ୍ଷା ପାଇବା ସହ ବେଶ୍ ସୁନ୍ଦର ବି ଦେଖାଯାଆନ୍ତି। ସେ ଉକ୍ତ ସ୍ୱେଟରକୁ ଏଭଳି ତିଆରି କରିଛନ୍ତି ଯେ, ତାଙ୍କ ମୁଣ୍ଡ ଓ ଡେଣା ସେଥିରେ ବାନ୍ଧି ହୋଇ ରହିବ ନାହିଁ। ଆଉ ସେଥିରେ ବଟନ୍ ସିଷ୍ଟମ୍ ବି ଅଛି। ଫଳରେ ଆରାମରେ ପିନ୍ଧେଇ ଓ ବାହାର କରି ହେବ।



ବ୍ୟାକ୍ ପେଜ୍

# ପୋଲ୍‌କା ଡଟ୍ ବେବି ଜେବ୍ରା

ଜେବ୍ରା, ଦେହସାରା ଧଳାରଙ୍ଗର ଷ୍ଟ୍ରାଇପ୍ ଥିବା ସୁନ୍ଦର ପ୍ରାଣୀ। ହେଲେ ନିକଟରେ କେନିଆର ମାସାଇ ମାରା ନ୍ୟାଶନାଲ ରିଜର୍ଭରେ ଦେଖିବାକୁ ମିଳିଛି ଏକ ଅଦ୍ଭୁତ ଜେବ୍ରା ଛୁଆ। ଯାହାର ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାରଣ ଉକ୍ତ ଜେବ୍ରା ଛୁଆର ଶରୀରରେ ଧଳାରଙ୍ଗର ପଟି ଭଳି ଦାଗ ନ ଥାଇ ଅଛି ହରିଣଙ୍କ ପରି ପୋଲ୍‌କା ଡଟ୍ ଦାଗ। ପାମେଲା ଲେମିନ୍ ଯେ କି ଜଣେ ୱାଇଲ୍ଡ ଲାଇଫ୍ ସ୍ପେଶାଲିଷ୍ଟ କହନ୍ତି, ବୋଧହୁଏ ଜେବ୍ରା ଛୁଆଟି ମେଲାନିଜମ୍, ଯାହାକି ଅଲ୍‌ବିନିଜମ୍‌ର ବିପରୀତ ରୋଗରେ ଆକ୍ରାନ୍ତ। ତାଙ୍କ କହିବାନୁସାରେ ଏଭଳି ଜେବ୍ରା ୬ ମାସରୁ ଅଧିକ ସମୟ ବଞ୍ଚି ନ ଥାଆନ୍ତି। ସେ ଯାହା ବି ହେଉ ଏହି ଜେବ୍ରା ଛୁଆଟି ଅନେକଙ୍କ ହୃଦୟ ଜିଣିସାରିଛି।





# ସ୍ତ୍ରୀଙ୍କ ଆଶା ପୂରଣ ପାଇଁ ତିଆରି କଲେ ଗିଟାର ଆକାରର ଜଙ୍ଗଲ

ଆର୍ଜେଣ୍ଟିନା, ପମ୍ପାସ୍‌ର ଏକ ଉର୍ବର ଚାଷଜମିରେ ଦେଖିବାକୁ ମିଳେ ଏକ ବିରାଟକାୟ ଗିଟାର ଆକାରର ଜଙ୍ଗଲ। ଜଙ୍ଗଲଟି ୭୦୦୦ରୁ ଊର୍ଦ୍ଧ୍ୱ ସାଇପ୍ରେସ୍ ଓ ୟୁକାଲିପଟାସ୍ ଗଛ ଲଗାଯାଇ ତିଆରି କରାଯାଇଛି। ୧ କି.ମିରୁ ଊର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ ଉକ୍ତ ଜଙ୍ଗଲ ଏରୋପ୍ଲେନ୍ ଓ ସାଟେଲାଇଟ୍‌ରୁ ସ୍ପଷ୍ଟ ଦେଖାଯାଏ। ତେବେ ଏହି ଜଙ୍ଗଲ ସୃଷ୍ଟି ପଛରେ ରହିଛି ଏକ ସୁନ୍ଦର ରୋଚକ କାହାଣୀ। ପେଡ୍ରୋ ମାର୍ଟିନ ଉରେଟା ନାମକ ଜଣେ କୃଷକ(ଯାହାଙ୍କୁ ବର୍ତ୍ତମାନ ୭୧ ବର୍ଷ ବୟସ) ଓ ତାଙ୍କ ଚାରି ସନ୍ତାନ ମିଶି ୩୦ ବର୍ଷ ପୂର୍ବେ ଏହି ଜଙ୍ଗଲ ତିଆରି କରିବା ପାଇଁ ବୃକ୍ଷରୋପଣ କରିଥିଲେ। ପେଡ୍ରୋଙ୍କ ସ୍ତ୍ରୀ ଗ୍ରାସିଏଲା ରେଜଜ୍‌ଙ୍କର ଇଚ୍ଛା ଥିଲା ଏମିତି ଏକ



ଜଙ୍ଗଲ ତିଆରି କରିବାକୁ। ଦିନେ ସେ ପ୍ଲେନ୍‌ରେ ଗଲାବେଳେ ତଳେ ଏକ କ୍ଷୀରଦୁହାଁ ବାଲ୍ଟି ଆକାରର ଚାଷଜମି ଦେଖିବାକୁ ପାଇଥିଲେ। ଏହାପରେ ସେ ଭାବିଥିଲେ ତାଙ୍କର ପ୍ରିୟ ବାଦ୍ୟଯନ୍ତ୍ର ଗିଟାର ପରି ଏକ ଜଙ୍ଗଲ ତିଆରି କରିବାକୁ। ହେଲେ ହଠାତ୍ ୧୯୭୭ରେ ଏକ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଗଲା। କିଛିବର୍ଷ ପରେ ପେଡ୍ରୋ ପତ୍ନୀଙ୍କ ଇଚ୍ଛା ପୂରଣ କରିବା ଲାଗି ପିଲାଙ୍କ ସାହାଯ୍ୟରେ ଗିଟାର ଆକୃତିରେ ବୃକ୍ଷରୋପଣ କଲେ। ବର୍ତ୍ତମାନ ଏହା ଗିଟାର ପରି ଦେଖିବାକୁ ଏକ ସବୁଜ ବନାନୀରେ ରୂପାନ୍ତରିତ ହୋଇଗଲାଣି।

